# ଶୁଭଦୃଷ୍ଟି



୩ୟ ବର୍ଷ ॥ ୨ୟ ସଂଖ୍ୟା
ଅପ୍ରେଲ ୨୦୨୨

# ଶୁଭଦୃଷ୍ଟି

ସୃଜନଶୀଳତାର ଦୁଇ ବର୍ଷ

ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର କେବଳ ଲେଖକଙ୍କର ରହିବ। କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ ଲେଖକଙ୍କର, ଏଥିପାଇଁ ପତ୍ରିକା କିମ୍ବା ସମ୍ପାଦକ ଉତ୍ତରଦାୟୀ ନୁହନ୍ତି।

ପତ୍ରିକାର ପ୍ରତ୍ୟେକ ସଂସ୍କରଣରେ ଜଣେ ଲେଖକଙ୍କର ଯେ କୌଣସି ବିଭାଗରେ କେବଳ ଗୋଟିଏ ଲେଖା ପ୍ରକାଶିତ ହୋଇଥାଏ, ତେଣୁ ପ୍ରତ୍ୟେକ ସଂସ୍କରଣ ନିମନ୍ତେ ନିଜର ଗୋଟିଏ ଲେଖା ପଠାନ୍ତୁ। ପତ୍ରିକା ପାଇଁ ଲେଖାଦେବା ସମୟରେ ଧ୍ୟାନ ରଖନ୍ତୁ ଲେଖାଟିକୁ ଟାଇପ୍ କରି ୱାର୍ଡ ଫାଇଲ୍ ରେ ପଠାନ୍ତୁ। ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ ଫଟୋ ନଚେତ୍ ଏକ ସୁନ୍ଦର ଫଟୋ ଏବଂ ଠିକଣା ଲେଖି ପଠାଇବେ। ଫଟୋ କିମ୍ବା ପି ଡି ଏଫ୍ ଫାଇଲରେ ପଠାଯାଇଥିବା ଲେଖା ଗ୍ରହଣୀୟ ନୁହେଁ।

ଶୁଭଦୃଷ୍ଟି ଏକ ଦ୍ୱିମାସିକ ଇ ପତ୍ରିକା। ଏହାର ଆଗାମୀ ସଂସ୍କରଣ ଜୁନ ୨୦୨୨ ରେ ପ୍ରକାଶିତ ହେବ। ଏଥିପାଇଁ ଲେଖା ପଠାଇବାର ଶେଷ ତାରିଖ ମଇ ୩୧,୨୦୨୨। ଲେଖା ପଠାଇବା ସମୟରେ ଇମେଲ୍ ରେ ସବଜେକ୍ଟ ଲେଖିବେ - Your name (ଆପଣଙ୍କ ନାମ) ମଇ ୨୦୨୨।

ଆମର ଲେଖା ସଂଗ୍ରହ ଇମେଲ୍ - shubhdristi2018@gmail.com

editor@shubhdristi.in

**୩ୟ ବର୍ଷ ॥ ୨ୟ ସଂଖ୍ୟା**

ଶୁଭଦୃଷ୍ଟି
ଅପ୍ରେଲ ୨୦୨୨

# ଭିତର ପୃଷ୍ଠାରେ

## ପ୍ରବନ୍ଧ


05 ପଦ୍ମକେଶର ଦେଉଳ - ପ୍ରମୋଦ କୁମାର ପଣ୍ଡା

13 ଦର୍ପଣ ଦେଖାଇବାକୁ ପଡିବ - ପ୍ରତ୍ୟୁଷ ଦେବାଶିଷ


## କାହାଣୀ


21 ପ୍ରାୟଶ୍ଚିତ - ଦୀପକ ଷଡ଼ଙ୍ଗୀ

24 ଶତାବ୍ଦୀର ଅପମୃତ୍ୟୁ ପରେ - ହିମାଂଶୁ ଭୂଷଣ ସାହୁ

27 ନ ମରୁ ଝିଅ, ନ ବହୁ ଲୁହ - ପ୍ରତିମା ସାହୁ


## କବିତା


32 ଜଟିଳ ପଜଲ୍ - ପ୍ରୀତିରଞ୍ଜନ ନାୟକ

34 ରକ୍ତ - ରୋଜାଲିନ ବେହେରା

35 ଜାଣେନା ମୁଁ - ଅର୍ପିତା ମିଶ୍ର

36 ଜାତିସଂଘ କାହା ଇସାରାରେ - ଅନସୂୟା ପଣ୍ଡା

38 ସମୟର ଚକ୍ର - ଶୁଭ୍ରାଂଶୁ ଶେଖର ପଟନାୟକ

39 ପ୍ରଶ୍ନ - ଅଲିଭା ମହାରଣା

40 ଚେହେରା ଏକ ପରିଚୟ ନୁହେଁ - ଦିପ୍ତିମୟୀ ଶତପଥୀ

41 କେତେଦିନ ଡରୁଥିବ? - ଜୟନ୍ତ କୁମାର ମଲ୍ଲିକ




## ସାକ୍ଷାତକାର


ଯୁବ ଗୀତିକାର ସତ୍ୟରଞ୍ଜନ ବଳ
ପ୍ରସ୍ତୁତି - ଉତ୍କଳିକା ରାଉତ, କୈବଲ୍ୟ ପ୍ରସାଦ ସାମନ୍ତରାୟ / p15





## ଆମ କଥାଚିତ୍ର


ସୀତା ବିବାହ । ୧୯୩୬
ସଂଗ୍ରାମ କେଶରୀ ସେନାପତି (ଗପ୍ପୁ) / p29




## ସ୍ମରଣୀୟ ସାହିତ୍ୟ


ଶିକାର
ଭଗବତୀ ଚରଣ ପାଣିଗ୍ରାହୀ / p45




## ଆମ ହାଣ୍ଡିଶାଳ


ଛେନାପୋଡ଼
କାଞ୍ଚନଲତା ତ୍ରିପାଠୀ / p42


WWW.SHUBHDRISTI.IN

# ଶୁଭଦୃଷ୍ଟି

ସୃଜନଶୀଳତାର ଦୁଇ ବର୍ଷ

**୩ୟ ବର୍ଷ ॥ ୨ୟ ସଂଖ୍ୟା**


# ସମ୍ପାଦକୀୟ




**ମୁଖ୍ୟ ସମ୍ପାଦକ**

ଏ ପି ଶୁଭକାନ୍ତ ସାମଲ

**ସମ୍ପାଦକ**

ପ୍ରଭାତ କୁମାର ବଳ

ଅଭିଲିପ୍ସା ପାଢ଼ୀ

**ପରିଚାଳନା ସମ୍ପାଦକ**

ଓମ୍ ପ୍ରକାଶ ବିଶ୍ୱାଳ

ପ୍ରତ୍ୟୁଷ ଦେବାଶିଷ

**ପ୍ରଚ୍ଛଦ**

ଶିବଶଙ୍କର ଦାସ

**ଅଳଙ୍କରଣ**

ଜୁବୁନ୍


ଆକାଶଟା ସାରା ଫାଟି ପଡୁଛି ପ୍ରଚଣ୍ଡ ରୌଦ୍ରତା । ଧରଣୀର ବୁକୁରେ ତୃଷା ତୃଷାର ଧକ ଧକ ଶବ୍ଦ । ରାତି କିନ୍ତୁ ଉତ୍ସବ ମୁଖର ତୋଫା ଜହ୍ନର ଚିକମିକ ଆଲୁଅରେ । ଧିରେ ଧିରେ ଚନ୍ଦ୍ରର ଶୀତଳତା ମାଟିର ମଥାନକୁ ତୃପ୍ତ କରୁଥିବା ବେଳେ ସୂର୍ଯ୍ୟର ପ୍ରଚଣ୍ଡତା ଗ୍ରାସ କରୁଛି ପୃଥିବୀର ଶାନ୍ତ ସମୟକୁ।


ଋତୁଚକ୍ରର ଏ ମହନୀୟତା ମଧ୍ୟରେ ଓଡ଼ିଆ ଜାତି ଖଞ୍ଜିଦେଇଛି ପର୍ବ ଓ ପର୍ବାଣୀ । ଯାହା କେବଳ ଆନନ୍ଦମୟ କରୁନି ପ୍ରତି ହୃଦୟକୁ ବରଂ ସମାଜରେ ପ୍ରକୃତି ଚେତନାର ବାର୍ତ୍ତାକୁ ତେଜ୍ଜ୍ୱୀୟାନ କରୁଛି । ପ୍ରକୃତି ଉଦ୍ଦେଶ୍ୟରେ ଜଳଦାନ ର ମହାପର୍ବ ରେ ପୁଣ୍ୟ ପରଷି ଦେଇଛି ଏ ଓଡ଼ିଆ ଜାତି । ଏଇଠୁ ପୁଣି ଆରମ୍ଭ ହୋଇଛି ପ୍ରଗତି ଓ ଉନ୍ନତିର ଆଉ ଏକ ନୂତନ ବର୍ଷ ।

ପ୍ରଭାତ କୁମାର


Digitally Published by
A P Subhakanta Samal
on behalf of Shubhdristi.
UDYAM-OD-13-0001171.

SHUBHDRISTI
Sati Nivas, Haripur, Khadianga,
Jajpur 755049.

# ଏଥର ପ୍ରଚ୍ଛଦ ପୃଷ୍ଠା ରେ





ଓଡ଼ିଆଙ୍କ ପରିଚୟ ପଖାଳ କଂସାକୁ ଦୃଷ୍ଟିରେ ରଖି ଚିତ୍ରଶିଳ୍ପୀ ଶିବଶଙ୍କର ଦାସ କଲମ ମାଧ୍ୟମରେ ପ୍ରସ୍ତୁତ କରିଛନ୍ତି ପତ୍ରିକାର ଏ ସଂଖ୍ୟାର ପ୍ରଚ୍ଛଦ ପୃଷ୍ଠା

# କାରୁ-କାର୍ଯ୍ୟ-କଳା ବିଭୂଷିତ ପଦ୍ମକେଶର ଦେଉଳ (୫୮୫ - ୫୯୭ ଖ୍ରୀଷ୍ଟାବ୍ଦ)

ପ୍ରମୋଦ କୁମାର ପଣ୍ଡା



ଆଜି ଦିନରେ ମଧ ସୁଉଚ୍ଚ କୋଣାର୍କ ମନ୍ଦିରର ମୂଳ ବିମାନର ଧ୍ୱଂସାବଶେଷ, ବାଲୁକାରେ ପୂର୍ଣ୍ଣ ଜଗମୋହନ, ଶ୍ରୀହୀନ ନାଟମନ୍ଦିର ଓଡିଶାର ଗୌରବମୟ ଅତୀତର ଇତିହାସରେ ସନାତନ ସଂସ୍କୃତିର ଧ୍ୱଜାକୁ ଉଡ୍ଡୀୟମାନ କରିଥିବା ନିଦର୍ଶନ ମିଳେ। ଏହାର ନିର୍ମାତାଙ୍କ ସମ୍ବନ୍ଧରେ ପୁଷ୍ଟିବଦ୍ଧ ଐତିହାସିକ ପ୍ରମାଣ ନରସିଂହ ଦେବ ୩ୟଙ୍କ ୧୨୧୫ ଶକ ଅଲାଲପୁର ତାମ୍ରପତ୍ରରୁ ମିଳିଥାଏ। ଖ୍ରୀଷ୍ଟପୂର୍ବ ୫୮୩ କୁ ଶକାବ୍ଦର ନୂତନ ପରିଭାଷା ରୂପେ ଉପସ୍ଥାପନା କରୁଥିବା ଶ୍ରୀ ବେଦବୀର ଆର୍ଯ୍ୟଙ୍କ ଅନୁସାରେ ଅଲାଲପୁର ଅଭିଲେଖର ସମୟ ୬୩୧-୬୩୨ ଖ୍ରୀଷ୍ଟାବ୍ଦ ଅଟେ। ସେଥିରେ ଉଲ୍ଲେଖ ତାଙ୍କ ପ୍ରପିତାମହ ଅନଙ୍ଗ ଭୀମ ଦେବ ୪ର୍ଥ, ପିତାମହ ନରସିଂହ ଦେବ ଓ ପିତା ଭାନୁଦେବଙ୍କ ଅଙ୍କ ଓ ରାଜତ୍ୱ ସମୟ ଅନୁସାରେ ତାଙ୍କ ପିତାମହ, କୋଣରେଖା ମନ୍ଦିରର ନିର୍ମାତା, ନରସିଂହ ଦେବ ୫୭୨ - ୫୯୯ ଖ୍ରୀଷ୍ଟାବ୍ଦ ଯାଏଁ ରାଜତ୍ୱ କରିଥିଲେ।

ମାଦଳାପାଞ୍ଜି ଅନଙ୍ଗ ଭୀମ ଦେବ ୪ର୍ଥ ଙ୍କ ପରେ ଉଲ୍ଲେଖ କରୁଛନ୍ତି - ଏଥି ଉତ୍ତାରୁ ରାଜରାଜେଶ୍ୱର ୧୦ ବର୍ଷ ଶାସନ କଲେ।

ରାଜରାଜେଶ୍ୱରଙ୍କ ନାମ ଲିଙ୍ଗରାଜ ମନ୍ଦିର ଅଭିଲେଖରେ ମଧ ରହିଛି। ଏହା ସତ୍ୟ ଯେ ସେ କଳିଙ୍ଗର ଶାସକ ଥିଲ। ପଣ୍ଡିତ ଗଙ୍ଗାଧର ମିଶ୍ରଙ୍କ କୋସଳାନନ୍ଦ କାବ୍ୟରେ ଚୌହାନ ବଂଶର ପ୍ରତିଷ୍ଠାତା ଓ ପ୍ରସିଦ୍ଧ ବମକେଇ ଶାଢୀର ପ୍ରଚଳକ ଗଙ୍ଗବଶୀୟ ରାଜକୁମାରୀଙ୍କୁ ବିବାହ କରିଥିବା ରମଇ ଦେବ ଗଜପତି ବଂଶଜ ରାଜରାଜେଶ୍ୱରଙ୍କ ସମବୟସ୍କ ଥିଲ। କାଳିଦାସଙ୍କ ଜ୍ୟୋତିର୍ବିଦ୍ୟାଭରଣମ୍ଅନୁସାରେ କଳିଯୁଗ ଆରମ୍ଭ ୩୧୦୨ ଆଧାରରେ ପଣ୍ଡିତ ମିଶ୍ରଙ୍କ ଦ୍ୱାରା ସେଥିରେ ଉଲ୍ଲେଖ ୪୩୧୨ କଳିଯୁଗାବ୍ଦ ରେ ରମଇ ଦେବଙ୍କ ମୃତ୍ୟୁ ସମୟକୁ ଶ୍ରୀ ବେଦବୀର ଆର୍ଯ୍ୟ ୧୧୩୨ ଶକାନ୍ତ ବା ୧୨୧୦ ଖ୍ରୀଷ୍ଟାବ୍ଦ ରୂପେ ତାଙ୍କ ପୁସ୍ତକ The Chronology of India ରେ ଉଲ୍ଲେଖ କରିଛନ୍ତି। ତାଙ୍କ ପୁତ୍ର ମହାଲିଙ୍ଗଙ୍କ ୬ ବର୍ଷ ଶାସନ ପରେ ପୌତ୍ର ରାଜା ବୈଜଳ ଦେବଙ୍କ ୨୩ ତମ ରାଜତ୍ୱ ବର୍ଷରେ ନୃସିଂହ ମନ୍ଦିରରେ ଖୋଦିତ ପ୍ରସ୍ତର ଅଭିଲେଖ (ଭିକାରୀ ସମ୍ବତ୍ସରରେ ଚୈତ୍ର ପୂର୍ଣ୍ଣିମା, ହସ୍ତା ନକ୍ଷତ୍ର ଓ ଶୁକ୍ରବାର; ଶ୍ରୀ ବେଦବୀର ଆର୍ଯ୍ୟ ଙ୍କ ଅନୁସାରେ ଏହି ମେଳକର ସମୟ ୨୧-୩-୧୨୩୯ ଖ୍ରୀଷ୍ଟାବ୍ଦ ଅଟେ।) ର ମେଳକ ଅନୁଯାୟୀ ରମଇ ଦେବଙ୍କ ରାଜତ୍ୱ ସମୟ ଶ୍ରୀ ଆର୍ଯ୍ୟ ୧୧୫୨ ରୁ ୧୨୧୦ ଖ୍ରୀଷ୍ଟାବ୍ଦ ରୂପେ ନିର୍ଦ୍ଧାରିତ କରିଛନ୍ତି। ରମଇ ଦେବଙ୍କ ସମସାମୟିକ ରାଜରାଜେଶ୍ୱର ତତ୍କାଳୀନ କଳିଙ୍ଗର ଦ୍ୱିତୀୟ-ଗଜପତି ବଂଶଜ ଥିଲେ। ତତ୍କାଳୀନ କୋସଳ କଳିଙ୍ଗ ରାଜ୍ୟ ଭିତରେ ନ ଥିଲା। ରାଜରାଜେଶ୍ୱର ଙ୍କ ଶକାନ୍ତ ଯୁଗ ପଞ୍ଜିକା-ପତ୍ର ଶକ ଯୁଗ ପତ୍ର ମଧରେ ପ୍ରବେଶ ଦ୍ୱାରା ମାଦଳାପାଞ୍ଜି ଙ୍କ ସଂକଳନରେ ଏହି ଭ୍ରମ ରହି ଯାଇଥିବା ପ୍ରତୀତ ହୁଏ। ସେହି ଭ୍ରମରେ ରାଜରାଜେଶ୍ୱରଙ୍କ ପରେ ଲାଙ୍ଗୁଳା ନରସିଂହ ଦେବଙ୍କ ରାଜତ୍ୱର ୩ୟ ଅଙ୍କରେ କୋଣାର୍କ ମନ୍ଦିର ଶୁଭ ଦିଆ ଯାଇଥିବା ବିଷୟ ଲେଖିଲେ।

ନରସିଂହ ଦେବ ୨ୟଙ୍କ ପତ୍ନୀ ହୀରାଦେବୀଙ୍କ ୧୨୨୫ ଶକାବ୍ଦ (୬୪୧-୬୪୨ ଖ୍ରୀଷ୍ଟାବ୍ଦ) ଆସନଖାଲି ତାମ୍ରପତ୍ର ଗଙ୍ଗବଂଶୀଙ୍କ ଶେଷ ଉପଲବ୍ଧିତ ତାମ୍ରପତ୍ର ଅଟ। ଚତୁର୍ଦ୍ଦଶ ବ୍ରହ୍ମାଣ୍ଡ ନାୟକ ନରସିଂହ ଦେବ ଓ ଭାନୁଦେବ ୧ମ ଓ ୨ୟ ଙ୍କ ଦ୍ୱାରା ପ୍ରକାଶିତ ୧୨୩୪ ଶକାନ୍ତ ପୁରୀ ପଞ୍ଜାବୀ ମଠ, ୧୨୮୪ ଶକାନ୍ତ କାଇଜଙ୍ଗ, ୧୩୦୬ ଶକାନ୍ତ କେନ୍ଦୁଲୀ ଓ ୧୩୧୬ ଶକାନ୍ତ ଓ ପୁରୀ ଶଙ୍କରାନନ୍ଦ ମଠ ତାମ୍ର ପତ୍ର ଉପରେ ବର୍ଣ୍ଣିତ ରାଜରାଜେଶ୍ୱରଙ୍କ ପରବର୍ତ୍ତୀ ବଂଶଜ ଅଟନ୍ତ। ଶକ ଓ ଶକାନ୍ତ ଦ୍ୱନ୍ଦରେ ଐତିହାସିକ

ମାନେ ସେମାନଙ୍କୁ ଗୋଟିଏ ସମୟରେଖା ସୁତାରେ ବାନ୍ଧି ରଖିଛନ୍ତି। ତେଣୁ, ଅନଙ୍ଗ ଭୀମ ଦେବ ୪ର୍ଥ ଙ୍କ ୩୪ ଅଙ୍କର ୨୮ ବର୍ଷ ଶାସନ ପରେ ୧୧୫୫ ଶକାବ୍ଦ (୫୭୨ ଖ୍ରୀଷ୍ଟାବ୍ଦ) ରେ କୋଣାର୍କ ମନ୍ଦିରର ନିର୍ମାତା ନରସିଂହ ଦେବଙ୍କ ରାଜତ୍ୱ ଆରମ୍ଭ ହୋଇଥିବା ସମ୍ବନ୍ଧରେ ଆମେ ଦୃଢ ନିଶ୍ଚିତ।

ସନ୍ତାନ ମାନଙ୍କୁ ବିଦ୍ରୁପ-ଓଡିଆରେ ଲାଙ୍ଗୁଡ କହିଥାନ୍ତି। ପିତା ଅନଙ୍ଗ ଭୀମ ଦେବଙ୍କ ପଛରେ ଛାୟା ସଦୃଶ୍ୟ ରହୁଥିବା ଯୋଗୁଁ ତାଙ୍କୁ ଲାଙ୍ଗୁଡ ଉପାଧୀଯୁକ୍ତ କରିଥିବା ସମିଚୀନ ମନେ ହୁଏ। ତାକୁ ଆଧାର କରି ମାଦଳାପାଞ୍ଜି ଲାଙ୍ଗୁଳା ନରସିଂହ ଦେବ ରୂପେ ତାଙ୍କ ଚିହ୍ନଟ କରିଛନ୍ତି।



୭୦ ଦଶକର ପ୍ରଥମାର୍ଦ୍ଧରେ ଜଗନ୍ନାଥ ମନ୍ଦିର ସଂରକ୍ଷଣାଗାରରୁ ପୁନରୋଦ୍ଧାର ହୋଇଥିବା ବୟ ଚକଡାର ୨ ଗୋଟି ଭୁଜପତ୍ର ମଧ୍ୟରୁ ଗୋଟିଏ ସ୍ୱର୍ଗତ ସଦାଶିବ ରଥଶର୍ମାଙ୍କ ଦ୍ୱାରା କୋଣାର୍କ ଅଞ୍ଚଳରୁ ସଂଗୃହୀତ Leaf XXXIX ର ପ୍ରତିଲିପି (ଏହି ଭୁଜପତ୍ରରେ ତାଙ୍କ ୧୨ ଅଙ୍କର ବିଷୟବସ୍ତୁ ଉଲ୍ଲେଖ ରହିଛି) ଅଟେ ଯେଉଁଥିରେ ମହାରାଜା ନରସିଂହ ଦେବ ଙ୍କ ନାମ ସହ ପରମସୌର (ପରମଶୌର୍ଯ୍ୟର ଅପଭ୍ରଂଶ), ପୁରୁଷୋତ୍ତମ ରକ୍ଷିତ, ସପୁଚ (ସପୁତ) ମହାଶ୍ରମ ବିରୁଡ ସଂଯୁକ୍ତ ରହିଛି। ଏଥିରେ ଉଲ୍ଲେଖ ସପୁଚ (ସପୁତ) ପଦ ଆଜ୍ଞାବହ ପୁତ୍ର ସଜ୍ଞାବାଚକ ତଥା ପିତାଙ୍କ ପଛେ ପଛେ ସର୍ବଦା ଛାୟା ସଦୃଶ୍ୟ ରହିଥିବା ପଦ ଅଟେ। ଏଭଳି

କୋଣାର୍କ ମନ୍ଦିରର ଆୟ-ବ୍ୟୟ ହିସାବ ରଖିଥିବା ପୋଥି "ବୟ ଚକଡା" ଅନଙ୍ଗ ଭୀମ ଦେବ ୪ର୍ଥଙ୍କ ପୁତ୍ର ନରସିଂହ ଦେବଙ୍କୁ ମହାଶ୍ରମ ରୂପେ ସମ୍ବୋଧିତ କରିଛନ୍ତି। ମହାଶ୍ରମ ମହାଭାରତ ଅନୁଶାସନ ପର୍ବ ୩-୮୨-୪୮ ଅନୁସାରେ ତୀର୍ଥସ୍ଥଳରେ ଅବସ୍ଥିତ ତପସ୍ୱୀମାନଙ୍କ ଆଶ୍ରମ ଅଟ। (ମହାଶ୍ରମେ ବସେଦାତ୍ରିଂ ସର୍ବପାପପ୍ରମୋଚନ। ଏକକାଳଂ ନିରାହାରୋ ଲୋକନାବସତେ ଶୁଭାନ।।) ମହାଶ୍ରମ ସ୍ଥଳ ତାଙ୍କ ପୂର୍ବଜ ଉତ୍କଳୀୟ ଗଙ୍ଗବଂଶର ପ୍ରତିଷ୍ଠାତା ଅନନ୍ତ ବର୍ମଣ ଚୋଡଗଙ୍ଗ ଙ୍କ ୧୦୬୨ ଶକାବ୍ଦ (୪୭୮-୪୭୯ ଖ୍ରୀଷ୍ଟାବ୍ଦ) ଚିନ୍ନା ବାଦାମୁ ତାମ୍ରପତ୍ରରେ ଉଲ୍ଲେଖ ଶୀଳୋଛାୟା (ସୁଉଚ ସଳଖ ପର୍ବତ ଶ୍ରେଣୀ ମଧ୍ୟସ୍ଥ ଉପତ୍ୟକା)

ସନ୍ନିକଟ କନଖଲର ମନ୍ଦାକିନୀ (ଜାହ୍ନବୀ) ତଟରେ ଥିବା ପ୍ରାଚୀନ ଶଙ୍କରାଚାର୍ଯ୍ୟ-ମଠକୁ ସେହି ତୀର୍ଥସ୍ଥଳ ରୂପେ ଚିହ୍ନଟ କରା ଯାଇପାରେ। ଗଙ୍ଗାଦ୍ୱାର (ହରିଦ୍ୱାର) ର ପବିତ୍ର ସ୍ଥଳ ରୂପେ ରହିଥିବା ମହତ୍ତ୍ୱର ଅନେକ ବର୍ଷ ପୂର୍ବେ ମହାଦେବ ଶିବଙ୍କ ଦ୍ୱିତୀୟ ରାଜଧାନୀ ରୂପେ ଅଭିହିତ ହରିଦ୍ୱାର ଉତ୍ତରୀୟ ଉପକଣ୍ଠ ମନ୍ଦାକିନୀ ତଟଦେଶୀୟ କନଖଲର ମହତ୍ତ୍ୱ ଅଧିକ ଥିଲା, ଯେଉଁଠାରେ ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ପ୍ରତିଷ୍ଠିତ ଆଶ୍ରମରେ ଅଗ୍ନିହୋତ୍ର କର୍ମ ସମାହିତ ପୂର୍ବକ ଉପବାସ, ବ୍ରତ ଓ ସ୍ନାନ ସଂକଳ୍ପ ସହ ଋଷିମାନେ ସିଦ୍ଧି ପ୍ରାପ୍ତ କରୁଥିଲେ। ଗଙ୍ଗବଂଶୀ ନରସିଂହ ଦେବ ଏଭଳି ଏକ ସିଦ୍ଧି-ପ୍ରାପ୍ତି ସାଧନ ଦ୍ୱାରା ମହାଶ୍ରମ ବିରୁଡ ପ୍ରାପ୍ତ କରିଥିବା ପ୍ରତୀତ ହୁଏ। ଏହି ଆଲେଖ୍ୟ ମାଧମରେ ମହାଶ୍ରମ ନରସିଂହ ଦେବଙ୍କ ସମୟ ଓ କୋଣାର୍କ ମନ୍ଦିର ନିର୍ମାଣ ସମୟ ରେଖାରେ ବୟ ଚକଡାରେ ଉଲ୍ଲେଖ ତିଥି ବାର ସହ ଇଂରାଜୀ ତାରିଖ ଓ ବାରର ସର୍ବଶ୍ରେଷ୍ଠ ମେଳକ ହୋରା କ୍ୟାଲେଣ୍ଡର ଅନୁସାରେ ଉପସ୍ଥାପିତ ହୋଇଛି। ଏହି ମେଳକ ବୟ ଚକଡାରେ ଉଲ୍ଲେଖିତ ଅଙ୍କ ଯଦିଚ ଭ୍ରମାତ୍ମକ ଅଟେ, ତିଥି ଓ ବାର, ଶ୍ରୀ ବେଦବୀର ଆର୍ଯ୍ୟଙ୍କ ନୂତନ ଶକାବ୍ଦ ପରିଭାଷା ଅନୁଯାୟୀ ତତ୍କାଳୀନ ସମୟରେ ଲିପିବଦ୍ଧ ହୋଇଥିବା ନିଃସନ୍ଦେହରେ କୁହା ଯାଇପାର।

ଉଭୟ ମାଦଳାପାଞ୍ଜି କୋଣାର୍କ ମନ୍ଦିର ନିର୍ମାଣ ନରସିଂହ ଦେବଙ୍କ ୩ ଅଙ୍କରେ ଆରମ୍ଭ ହୋଇଥିବା ଦର୍ଶାଇଛନ୍ତି। ବୟ ଚକଡା ପ୍ରଥମ-ପତ୍ର ଅନୁସାରେ ପଦ୍ମକେଶର ମନ୍ଦିରର ଭୂମିଶୁଦ୍ଧି, ମଙ୍ଗଳାପୋରଣ ନିମନ୍ତେ ଭୁବନ ମୋହନ ପୁରୋହିତ, ଭୁବନେଶ୍ୱର ରାଜଗୁରୁ, ୨୪ ଜଣ ପରିଷଦ, ୮୪ ସାମନ୍ତ, ୭୦୦ ଶିଳ୍ପୀ ଓ ୭ ଜଣ କମାର ଙ୍କ ସହ ମହାଶ୍ରମ ତାଙ୍କ ୭ମ ଅଙ୍କ (ଅନ୍ୟ ଏକ ଭୁଜପତ୍ର ଅନୁଯାୟୀ ତାହା ୬ଷ୍ଠ ଅଙ୍କ) କନ୍ୟା ଶୁକ୍ଳ ଦଶମୀ, ଗୁରୁବାର ଦିନ ଲଙ୍କାପଡାରେ ପହଞ୍ଚିଥିଲେ। ଅଲାଲପୁର ତାମ୍ରପତ୍ରରେ ଉଲ୍ଲେଖ ରାଜତ୍ୱ ବର୍ଷ ତଥା ବୟ ଚକଡାଙ୍କ ତିଥି ବାର ହିସାବ ଅନୁସାରେ ତାହା ୩ୟ କିମ୍ବା ୭ମ ଅଙ୍କ ନ ହୋଇ ୧୪ ଅଙ୍କ (ଭାଦ୍ରପଦ ଦ୍ୱାଦଶୀ ୫୮୪-ଭାଦ୍ରପଦ ଏକାଦଶୀ ୫୮୫) ରେ ୯-୯-୫୮୫ ଖ୍ରୀଷ୍ଟାବ୍ଦ, ରବିବାର (ହୋରା) ତାରିଖ ହେବ।

୧) ମନ୍ଦିର ଭୂମିଶୁଦ୍ଧିର ପର ବର୍ଷ ୫୮୬ ଖ୍ରୀଷ୍ଟାବ୍ଦ, ବୁଧବାର, ମେଷ ୧୪ ଦିନ (ତା ୬-୪-୫୮୬, ଶନିବାର: ହୋରା) ତାଙ୍କ ଶ୍ୱଶୁରଙ୍କ ଦ୍ୱାରା ପଠା ଯାଇଥିବା ଉପଢୌକନ ଆସି ପହଞ୍ଚି ଥିଲା।

୨) କନ୍ୟା ସଙ୍କ୍ରାନ୍ତି ୨୫-୮-୫୯୨, ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ସୋମବଂଶୀ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଜୟନ୍ତୀ ଦିବସରେ ଓଡିଶାରେ ଅମଳି ଅବ୍ଦର ପ୍ରଚଳନ ଆରମ୍ଭ ହୋଇଥିବା ଶ୍ରୀ ବେଦବୀର ଆର୍ଯ୍ୟ ତାଙ୍କ ପୁସ୍ତକରେ ଉଲ୍ଲେଖ କରୁଛନ୍ତି। ତାହା ସୋମବଂଶେ ସଂଭୂତ ଉତ୍କଳୀୟ ଗଙ୍ଗବଂଶୀ ମହାଶ୍ରମ ନରସିଂହ ଦେବଙ୍କ ୨୧ ଅଙ୍କ ଥିଲା।

୩) ଭୂମିଶୁଦ୍ଧିର ୯ ବର୍ଷ ପରେ ପଦ୍ମକେଶର ଦେଉଳ ପରିଦର୍ଶନରେ ଆସି ବୈଶାଖ ୨୭ ଦିନ (୨୫ ମେ, ୫୯୫ ଖ୍ରୀଷ୍ଟାବ୍ଦ) ମହାଶ୍ରମ ବିଜ୍ଞପ୍ତି ପ୍ରକାଶ କରିଥିଲେ - ବର୍ତ୍ତମାନ ୯ ବର୍ଷ ବିତି ସାରିଲାଣ। ଆପଣ ମାନେ ମୂଲ୍ୟବାନ ପରିଶ୍ରମ ପ୍ରଦାନ କରି ସାରିଥିଲେ ସୁଦ୍ଧା ଅଦ୍ୟାପି ବେକୀ ସମ୍ପୂର୍ଣ୍ଣ ହୋଇନାହି। ଦଶମ ବର୍ଷର ଦଶ ମାସ ଓ ଦଶ ଦିନ ସୁଦ୍ଧା ଗର୍ଭମୁଣ୍ଡ (ଛାତ) ପ୍ରସ୍ତୁତ ହେବାକୁ ହେବ।

ଏହାକୁ ସାମାନ୍ୟ ଗର୍ଭାବାସ ଅବସ୍ଥାର ସମୟ ରୂପେ ବୟ ଚକଡାର ଇଂରାଜୀ ଅନୁବାଦକ ଏଲିସ ବୋନର ତାଙ୍କ ପୁସ୍ତକ New Light on the Sun Temple of Konarka, Published by Chowkhamba Sanskrit Series, Varanasi, 1972 ଟିପ୍ପଣୀ ଦେଉଛନ୍ତୁ। ସେହି ବର୍ଷର କନ୍ୟା ୯ ଦିନ ସୁଦ୍ଧା ପଦ୍ମକେଶର ଦେଉଳର ଭୂମିଶୁଦ୍ଧିର ୧୦ ବର୍ଷ ପୂରଣ ହେଉଥିଲା। ଧାର୍ଯ୍ୟ ଦିନ ତା ପର ବର୍ଷ କର୍କଟ ୨୦ ଦିନ (୧୫-୭-୫୯୬ ଖ୍ରୀଷ୍ଟାବ୍ଦ) ଥିଲା।

୪) ପଦ୍ମକେଶର ଦେଉଳ ବସ୍ତୁଗାର ରେ ଥିବା ଦ୍ରବ୍ୟାଦିଙ୍କ ଏକ ସୂଚୀ ବୀରବର ପଟ୍ଟନାୟକ ଯଦୁ ସାଆନ୍ତଙ୍କ ଦ୍ୱାରା ଭାଦ୍ରବ ଶୁକ୍ଳ ନବମୀ ବୁଧବାର ଦିନ (୧୭-୯-୫୯୫, ଶନିବାର: ହୋରା) ତାଙ୍କ ଦସ୍ତଖତରେ ପ୍ରସ୍ତୁତ କରା ଯାଇଥିଲା।

୫) ନିମ୍ନରେ ପ୍ରଦତ୍ତ ବ୍ୟାଖ୍ୟା ଅନୁସାରେ ବୟ ଚକଡା ପାଣ୍ଡୁଲିପି-I, Leaf XXXV (୧୧୫ ପୃଷ୍ଠା) ରେ ଉଲ୍ଲେଖ ମହାଶ୍ରମ ପ୍ରତାପୀ ନରସିଂହ ଦେବ ନର୍କୌର (Lakhanauti) ନବାବ ତୁଗାଇନ ଖାନଙ୍କୁ ୬୬୨ ସାଲ ରେ ପରାଜିତ କଲା ପରେ ଭୋଗିକ ଅମୃତ ଦଣ୍ଡାଧିକାରୀ ମଦନ ସୁନ୍ଦର ଦେବ ଲକ୍ଷ୍ମଣାବତୀ ପ୍ରାସାଦରୁ କୃତ୍ତିବାସ

ଦଣ୍ଡପାଟକୁ ଆଣିଥିବା ଧନଦ୍ରବ୍ୟ ପଦ୍ମକେଶର ଖଜଣାଗାରକୁ ୪ ଟି ହାତୀ ସାହାଯ୍ୟରେ ଆଣି ମାର୍ଗଶୀର ଶୁକ୍ଳ ଏକାଦଶୀ ମଧରାତ୍ରରେ ପହଞ୍ଚି ଥିବା ବିବରଣୀକୁ ସେହି ବର୍ଷ ମାର୍ଗଶୀର ମାସ ରୂପେ ଗଣନା କରିବାକୁ ହେବ।

ବୟ ଚକଡାରେ ଉଲ୍ଲେଖ ୬୬୨ ସାଲ ତତ୍କାଳୀନ ସମୟରେ ବିକ୍ରମ ସମ୍ବତ ସମ୍ବତ୍ସର (ଖ୍ରୀଷ୍ଟପୂର୍ବ ୫୭) ର ଗଣନା ଥିଲା। ମୁସଲିମ ସାହିତ୍ୟ Tabaquat-I-Nasiri ପୃଷ୍ଠା 738-୭୪୦, ୬୬୨-୬୩ କୁ ଉଦ୍ଧୃତ କରି ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟ STUDIES IN ORISSAN HISTORY, ARCHAEOLOGY AND ARCHIVES ରେ ଲେଖୁଛନ୍ତି - ହିଜରୀ ସମ୍ବତ୍ସର ୬୪୨ ରେ Malik Tiighril-i-Tughan Khan ଙ୍କ ପରାଜୟ ହୋଇଥିଲ। ଶ୍ରୀ ବେଦବୀର ଆର୍ଯ୍ୟଙ୍କ ଅନୁଯାୟୀ ହିଜରୀ ବର୍ଷ ର ଆରମ୍ଭ ଖ୍ରୀଷ୍ଟ ପୂର୍ବ ୩୩-୪୪ ମଧରେ ସିଂହ ଶୁକ୍ଳ ଦ୍ୱିତୀୟା ତିଥିରେ ଆରମ୍ଭ ହୋଇଥିଲ। ଲଖନୌତି ପତନର ସମୟ ୬୪୨ ହିଜରୀ ସମ୍ବତ୍ସର, ୧୦ ମ ମାସ ସୱାଲ (ମେଷ, ଶୁକ୍ଳ ତ୍ରୟୋଦଶୀ -ଚତୁର୍ଦ୍ଦଶୀ) ୧୩ ତମ ଦିବସ ମଙ୍ଗଳବାର, ଅନୁସାରେ ଇଂରାଜୀ ତାରିଖ ୨୫-୪-୫୯୮ ଖ୍ରୀଷ୍ଟାବ୍ଦ, ଶୁକ୍ରବାର (ହୋରା) ହେବା ଉଚିତ।

କୋଣାର୍କ ମନ୍ଦିରର ପ୍ରତିଷ୍ଠା-ଉତ୍ସବ ୫୯୭ ଖ୍ରୀଷ୍ଟାବ୍ଦରେ ଘଟିତ ହୋଇ ସାରିଥିବା ଯୋଗୁଁ Leaf XXXV (୧୧୫ ପୃଷ୍ଠା) Footnot ରେ ବୟ ଚକଡା ପାଣ୍ଡୁଲିପି-II ଅନୁଯାୟୀ ତାହା ୬52 ସାଲ ଅଟେ। ବୟ ଚକଡା ପାଣ୍ଡୁଲିପି-I ରେ ଉଲ୍ଲେଖ ୬୬୨ ସାଲ ଅପେକ୍ଷା ଏହି ସମୟରେଖାରେ ୬୫୨ ସାଲ ମହତ୍ତ୍ୱପୂର୍ଣ୍ଣ ଓ ଯୁକ୍ତିଯୁକ୍ତ ଅବସ୍ଥାରେ ସଠିକ ଗଣନା ତଥା Tabaquat-I-Nasiri ଙ୍କ ସମୟ ଗଣନାରେ ବ୍ୟତିକ୍ରମ ଦୃଷ୍ଟିଗୋଚର ହୁଏ। କୋଷାଗାରରୁ ରାଜସ୍ୱ ନେଇ ୬୬୨ ସାଲ (୬୦୫ ଖ୍ରୀଷ୍ଟାବ୍ଦ) ରେ ୫୯୭ ରେ ପ୍ରତିଷ୍ଠା ହୋଇ ସାରିଥିବା ପଦ୍ମକେଶର ଦେଉଳର କୋଷାଗାରରେ ରଖିବାର କୌଣସି ଯଥାର୍ଥତା ନ ଥିଲା। Leaf XXXV (୧୧୫ ପୃଷ୍ଠା) Footnot ରେ ବୟ ଚକଡା ପାଣ୍ଡୁଲିପି-II ଅନୁଯାୟୀ ଲଖନୌତି ପତନର ସମୟ ୫୯୫ ଖ୍ରୀଷ୍ଟାବ୍ଦ (ଚୈତ୍ରାଦି ବିକ୍ରମ-ସମ୍ବତ), ଅର୍ଥାତ୍୧୦ ମ ମାସ ସୱାଲ (ମେଷ, ଶୁକ୍ଳ ତ୍ରୟୋଦଶୀ-ଚତୁର୍ଦ୍ଦଶୀ) ୧୩ ତମ ଦିବସ ମଙ୍ଗଳବାର, ଇଂରାଜୀ ତାରିଖ ୨୯-୪-୫୯୫ ଖ୍ରୀଷ୍ଟାବ୍ଦ, ଶୁକ୍ରବାର (ହୋରା) ଅଟେ। ଏହି ଗଣନା ଅନୁଯାୟୀ ହିଜରୀ ବର୍ଷ ଆରମ୍ଭ ଖ୍ରୀଷ୍ଟପୂର୍ବ ୩୩-୪୪ ରେ ନୁହେଁ, ଖ୍ରୀଷ୍ଟପୂର୍ବ ୪୭ ରେ ଆରମ୍ଭ ହୋଇଥିବା ଅନୁମିତ ହୁଏ।

୬) ବୟ ଚକଡା ଅନୁସାରେ ମାଘ ଶୁକ୍ଳପକ୍ଷ ସପ୍ତମୀ ଗ୍ରହ, ଦୀପ, ଚନ୍ଦ୍ର ଓ ବ୍ରହ୍ମ ରବିବାର (୩୦-୧-୫୯୭, ବୁଧବାର: ହୋରା) ସମୟରେ ଗର୍ଭଗୃହରେ ପୂଜା ବିଗ୍ରହଙ୍କ ସ୍ଥାପନା ହୋଇଥିଲା। ମାଘ ଶୁକ୍ଳ ପକ୍ଷ ଏକାଦଶୀ ବସୁପା, ଛନ୍ଦ ଓ ବ୍ରହ୍ମ ଗୁରୁବାର (୩-୨-୫୯୭, ରବିବାର: ହୋରା) ଦିନ ରବି ନାରାୟଣ ବନ୍ଦାପନା ସହିତ ପ୍ରଥମ ପୂଜା ଆରମ୍ଭ ହୋଇଥିଲା ତଥା ମହାଶ୍ରମ ତାଙ୍କର ପ୍ରଥମ ଦାନ ବିଗ୍ରହଙ୍କ ସମ୍ମୁଖରେ ପ୍ରଦାନ କରିଥିଲେ।

ଏଠାରେ ବୟ ଚକଡା ଯେଉଁ କେତୋଟି ସ୍ଥାନରେ ତିଥି ସହ ବାର ର ଉଲ୍ଲେଖ କରିଛନ୍ତି, ସେଗୁଡିକୁ ହୋରା କ୍ୟାଲେଣ୍ଡର ସହ ମେଳକ କରି ସେଥିରେ ଥିବା ତତ୍କାଳୀନ ସତ୍ୟତାର ପ୍ରମାଣ କରିବାକୁ ହୋଇଥିବା ଚେଷ୍ଟା ଶତପ୍ରତିଶତ ସଫଳ ହୋଇଛି। Julian Hora କ୍ୟାଲେଣ୍ଡର ଙ୍କ ତିଥି ସହ ବୈଦିକ ସାପ୍ତାହିକ ବାରରେ ୪ ଦିନର ବିଳମ୍ବ ପ୍ରଦର୍ଶନ ଏହି ମେଳକରୁ ପ୍ରତିପାଦିତ ହେଉଛି। Geogorian କ୍ୟାଲେଣ୍ଡର ପ୍ରଚଳନ ବେଳେ ସମୟ ରେଖାରୁ ୧୧ ଦିନ ଅଦୃଶ୍ୟ କରେଇ ଦିଆ ଯାଇଥିବା ଶ୍ରୀ ବେଦବୀର ଆର୍ଯ୍ୟ ତାଙ୍କ ପୁସ୍ତକ The Origin of Christian Era: Fact or Fiction, Aryabhatta Publications, 2019 ରେ ସ୍ପଷ୍ଟ କରିଛନ୍ତି।

କୋଣାର୍କ ମନ୍ଦିର ନିର୍ମାଣ ଉପରାନ୍ତ ଏହାର ପ୍ରଥମ ସନ୍ଦର୍ଭ ୧ମ ମୋଗଲକାଳୀନ ଶାସକ ଆକବର (894-943 ଖ୍ରୀଷ୍ଟାବ୍ଦ) ଙ୍କ ସମୟରେ ମନ୍ତ୍ରୀ ରହିଥିବା ଅବୁ ଫଜଲ ତାଙ୍କ ପୁସ୍ତକ ଆଇନ-ଏ-ଆକବରୀରେ ଲେଖିଥିବା ଲେଖା ଅଟେ। ସେଥିରେ ଲେଖା ଅଛି – "ଜଗନ୍ନାଥଙ୍କ ମନ୍ଦିର ନିକଟରେ ରାଜ୍ୟର ୧୨ ବର୍ଷର ରାଜସ୍ୱରେ ନିର୍ମିତ ସୂର୍ଯ୍ୟଙ୍କୁ ସମର୍ପିତ ମନ୍ଦିର ରହିଛି। ତା'ର ଦର୍ଶନରେ ଅତିଶୟ ଆଲୋଚନା-ପ୍ରବଣ ଜଟିଳ ବ୍ୟକ୍ତିମାନେ ମଧ ଆଶ୍ଚର୍ଯ୍ୟାବିଭୂତ ହୋଇ ଯାଇଥାନ୍ତି। ମନ୍ଦିରର ଉଚ୍ଚତା ୧୫୦ ହାତ (୧୦୦ ହାତର ପୁରୀ ମନ୍ଦିର ଠାରୁ ଅଧିକ। ଏଠାରେ ହାତ ପୁରା ବାହୁର ମାପ ଅଟେ) ତଥା ଚଉଡା ୧୯ ହାତ ଅଟେ। ପୂର୍ବ ଦ୍ୱାରରେ ଶୁଣ୍ଢରେ ଜଣେ ଜଣେ

ମନୁଷ୍ୟଙ୍କୁ ଧରି ରହିଥିବା ୨ଟି ହସ୍ତୀ ଙ୍କ ମୂର୍ତ୍ତି ରହିଛି। ପଶ୍ଚିମ ଦ୍ୱାରରେ ପରିଚାରକ ମାନଙ୍କ ସହ ସାଞ୍ଜୁ ପରିହିତ ୨ ଟି ଅଶ୍ୱାରୋହୀ ମାନଙ୍କ ମୂର୍ତ୍ତି ରହିଛି। ଉତ୍ତର ଦ୍ୱାରରେ ହସ୍ତୀକୁ ପାଦରେ ମାଡି ବସି ଧରିଥିବା ୨ ଟି ବ୍ୟାଘ୍ର ପ୍ରତିମା ରହିଛି। ସମ୍ମୁଖରେ ୫୦ ଗଜର ବହୁକୋଣୀୟ କଳାପଥର ରହିଛି। ୯ଟି ଝପଟି ମରା ପାହୁଣ୍ଡ ପଡିଲା ପରେ ଆଗରେ ଏକ ସୁଦୃଶ୍ୟ ପ୍ରାଙ୍ଗଣରେ ଅବସ୍ଥାପିତ ଥିବା ଏକ ବିରାଟ ଅର୍ଦ୍ଧବୃତ୍ତାକାର ପ୍ରସ୍ତର ଦେହରେ ଖୋଦିତ ସୂର୍ଯ୍ୟ ଓ ଅନ୍ୟ ଗ୍ରହମାନେ ଚତୁର୍ଦ୍ଦିଗରେ ଅବନତ ମସ୍ତକେ, ଦଣ୍ଡାୟମାନେ, ଉପବେସନେ, ସାଷ୍ଟାଙ୍ଗ ପ୍ରଣମ୍ୟେ, ହାସ୍ୟରତେ, କ୍ରନ୍ଦନରତେ, ବିସ୍ମୟାବିଭୂତେ କିମ୍ବା ତନ୍ମୟେ ବିଭିନ୍ନ ଶ୍ରେଣୀର ନାନା ଜାତିର ଉପାସକଙ୍କର ଦୃଶ୍ୟ ଥିଲା ଏବଂ ଏହାକୁ ପହଁରାଳୀ, ସଙ୍ଗୀତଜ୍ଞ ମାନେ କଳ୍ପନା ବ୍ୟତୀତ କେବେ ହେଲେ ଅସ୍ତିତ୍ୱରେ ନ ଥିବା ଅଭୂତପୂର୍ବ ପଶୁମାନଙ୍କ ସହ ଅନୁସରଣ କରୁଥିଲେ। ୩୭୦ ବର୍ଷ ତଳେ ରାଜା ନରସିଂହ ଦେବଙ୍କ ଦ୍ୱାରା ନିର୍ମିତ କୁହା ଯାଉଥିବା ଏହି ଅପୂର୍ବ କଳାତ୍ମକ ଶୋଭା ଆସନ୍ତା ବଂଶଧର ମାନଙ୍କ ନିମନ୍ତେ ସ୍ମରଣୀୟ ହୋଇ ରହିବ। ୬ ଟି ମୁଖ୍ୟ-ଦ୍ୱାର ବାହାରେ ଓ ୨୨ ଟି ଭିତରେ, ଏହିପରି ଏହାର ପରିପାର୍ଶ୍ୱରେ ପ୍ରତ୍ୟେକଙ୍କର ଭିନ୍ନ ଭିନ୍ନ କିମ୍ବଦନ୍ତୀ ଥିବା ବିନା ପ୍ରାଚୀରରେ ୨୮ ଟି ମନ୍ଦିର ରହିଛି।" (Source: The Chronology of India: From Mahabharata to Medieval Era, Volume II, p. 342).

ଅବୁ ଫଜଲଙ୍କ ବିବରଣୀ ଅନୁସାରେ ଏହା ୧ମ-ମୋଗଲ ରାଜା ଆକବରଙ୍କ ସମୟରେ କୋଣାର୍କ ମନ୍ଦିର ଯଥାସ୍ଥିତିରେ ରହିଥିଲା।  ଏହାର ଅନେକ ଅନେକ ବର୍ଷ ପରେ ଅଭିନବ ଇନ୍ଦ୍ରଦ୍ୟୁମ୍ନ ଗଜପତି ରାମଚନ୍ଦ୍ର ଦେବ (ଅଭିନବ ଇନ୍ଦ୍ରଦ୍ୟୁମ୍ନ ଗଜପତି ଉପାଧିରୁ ସେ ଦ୍ୱିତୀୟ-ଗଜପତି ବଂଶଜ ରୂପେ ପ୍ରମାଣିତ ହୁଅନ୍ତି। ଓଡିଶା ରାଜ୍ୟ ସଂଗ୍ରହାଳୟରେ ସଂରକ୍ଷିତ, ଅପ୍ରକାଶିତ ତାଙ୍କ ବିରଚିତ ଶ୍ରୀକୃଷ୍ଣ ଭକ୍ତ ବାତ୍ସଲ୍ୟ ଚରିତମ୍‌ନାଟକରେ ସେ ଲେଖିଛନ୍ତି - ସାଂପ୍ରତନଭନବ ଇନ୍ଦ୍ରଦ୍ୟୁମ୍ନେ ଗଜପତୌ... ସୌ: ଖୁରୁଧା ଇତିହାସ, କେଦାରନାଥ ମହାପାତ୍ର) ଙ୍କ ପୁତ୍ର ପୁରୁଷୋତ୍ତମ ଦେବ (୯୫୯ - ୯୮୬ ଖ୍ରୀଷ୍ଟାବ୍ଦ) ରାଜା ହେଲା ପରେ ପୁରୁଷୋତ୍ତମ ବଡ ଦେଉଳ, ଏକାମ୍ର ପରମଲିଙ୍ଗ ଦେଉଳ ଓ ପଦ୍ମକେଶର ଦେଉଳ ର ମାପଜୁପ କରିବା ସମ୍ବନ୍ଧୀୟ ଆଦେଶ ଈଶାଣ କରଣଙ୍କୁ ଦେଇଥିଲେ (ଶ୍ରୀମନ୍ଦିରରେ ଥିବା ତାଙ୍କ ନଥି ନଂ ୩)। ବୟ ଚକଡା ରେ ଉଲ୍ଲେଖ କୋଣାର୍କ ମନ୍ଦିର ସମ୍ବନ୍ଧୀୟ ବିଷଦ ବିବରଣୀ ତାଙ୍କ ୫ମ ଅଙ୍କରେ ହୋଇଥିବା ମାପଜୁପ ଅନୁଯାୟୀ ଥିବା Alice Boner ପୁଷ୍ଟି କରୁଛନ୍ତି। ଏହା ପ୍ରକାଶିତ କରି ସେ ସ୍ୱୟଂକୁ ୨ୟ ନରସିଂହ ରୁପେ ଉପସ୍ଥାପିତ କରିଥିଲେ।

ପୁରୁଷୋତ୍ତମ ଦେବଙ୍କ ପୁତ୍ର ନରସିଂହ ଦେବ (୯୮୬-



୧୦୨୩ ଖ୍ରୀଷ୍ଟାବ୍ଦ) ଙ୍କ ସମୟରେ କୋଣାର୍କ ମନ୍ଦିରର ସୂର୍ଯ୍ୟ ଓ ଚନ୍ଦ୍ର ବିଗ୍ରହ ପୁରୀ ମନ୍ଦିରକୁ ନେଇ ଆସିଥିବା ବିଷୟ ମାଦଳାପାଞ୍ଜି ୩ୟ ଲେଖୁଛନ୍ତି। ଶ୍ରୀମନ୍ଦିରରେ ଥିବା ତାଙ୍କ ନଥି ନଂ ୬ ଲେଖୁଛନ୍ତି - ରାଜାଙ୍କ ୯ମ ଅଙ୍କରେ ପଦ୍ମକେଶର ଦେଉଳର ପୂର୍ବ ପାର୍ଶ୍ୱରେ ଥିବା ଗଜସିଂହ ସମ୍ପୂର୍ଣ୍ଣ କାନ୍ଥ ସହ ତଳେ ପଡିଯିବା ଦ୍ୱାରା ସାରା ରାଜ୍ୟରେ ଅଶୁଭ ସଙ୍କେତର ଚହଳ ପଡିଥିଲା।

ସବୁ ବର୍ଷ ମାଘ ଶୁକ୍ଳ ସପ୍ତମୀ ନିମନ୍ତେ ସେଠାକୁ ରଥ ନିମନ୍ତେ ଯାଉଥିବା ୨ ଟି ଫୁଟ (ପାଟଣି) ଓ ଫୁହରଣୀ ଲୁଗାରୁ ଫୁହରଣିକୁ ପୁରୁଷୋତ୍ତମ ଦେଉଳ ସୂର୍ଯ୍ୟ ପୂଜାରେ ଓ ପାଟ କୁ ରୂପସା ଦଳବେହେରାଙ୍କୁ ଦିଆ ଯାଇଥିଲା। ଏହା ପ୍ରମାଣିତ କରେ ଯେ ତା ପୂର୍ବରୁ ମୂଳ ବିମାନ ଧ୍ୱଂସ ହୋଇ ସାରିଥିଲା। ଏହାର ପୁନର୍ନିର୍ମାଣ ହେବା ଅସମ୍ଭବ ଥିବା ବିଚାରରେ ସେଠାରୁ ମୂଳ ବିଗ୍ରହଙ୍କ ସ୍ଥାନାନ୍ତରିତ ହୋଇ ସାରିଥିଲା। ମାଦଳା ପାଞ୍ଜିର ବିବରଣୀ ଅନୁସାରେ ଖୋର୍ଦ୍ଧା ନରେଶ ପୁରୀରୁ କୋଣାର୍କ ୯୯୬ ଖ୍ରୀଷ୍ଟାବ୍ଦରେ, ୧ମ ମୋଗଲ କାଳୀନ ଜାହାଙ୍ଗୀରଙ୍କ ଶାସନରେ ଓଡିଶା ପ୍ରଦେଶ ରାଜତ୍ୱ ଦାୟିତ୍ୱରେ ଥିବା ବକର ଖାନଙ୍କ ସମୟରେ ସୂର୍ଯ୍ୟଙ୍କ ମୁଖ୍ୟ ବିଗ୍ରହ ମୈତ୍ରାଦିତ୍ୟ ବିରଞ୍ଚି ନାରାୟଣଙ୍କୁ ପୁରୀର ନୀଳାଦ୍ରିମହୋତ୍ସବ ମନ୍ଦିରକୁ ସ୍ଥାନାନ୍ତରିତ କରାଯାଇ ସାରିଥିଲା। ବିରଞ୍ଚିନାରାୟଣଙ୍କ ବିଗ୍ରହ ବିସ୍ଥାପିତ ହେବା ପରେ ପରେ ସେଠରେ ଥିବା ମାୟା, ମହାମାୟା ଅଥବା ମହାଗାୟତ୍ରୀଙ୍କ ବିଗ୍ରହକୁ ନେଇ ପୁରୀ-କୋଣାର୍କର ବେଳାଭୂମିରେ ରାମଚଣ୍ଡୀ ମନ୍ଦିରର ମୂଳ ବିଗ୍ରହ ରୂପେ ସ୍ଥାପନ କରା ଯାଇଥିବା ଜନଶୃତି ରହିଥିବା ବାବା ବ୍ରହ୍ମଚାରୀଙ୍କ ଚିଟଉରେ ଉଲ୍ଲେଖ ରହିଛି।

Asiatic Society of Bengala, New Series IV, 1908, ରେ ମନମୋହନ ଚକ୍ରବର୍ତ୍ତୀଙ୍କ ଉଲ୍ଲେଖ ଯେ ନରସିଂହ ଦେବଙ୍କ ସମୟରେ ମାପଜୁପ କରା ଯାଇଥିଲା, ତାଙ୍କୁ ମିଳିଥିବା ବୟ ଚକଡାର ପାଣ୍ଡୁଲିପି ଆଧାରରେ Alice Boner ପ୍ରତ୍ୟାଖାନ କରୁଛନ୍ତି।

ଏହାର ଅନେକ ଅନେକ ବର୍ଷ ପରେ ରାଜାଙ୍କ ୧୨ ଅଙ୍କରେ ଓଡିଶା ନିମନ୍ତେ ନିଯୁକ୍ତ ମରାଠା ଶାସକ ଚିମନ ସାଉ ଙ୍କ ଗୁରୁ ବାବା ବ୍ରହ୍ମଚାରୀ ଫାଲଗୁନ ଶୁକ୍ଳ ଏକାଦଶୀରେ କୋଠକରଣ ନୀଳାମ୍ବର ପଟ୍ଟନାୟକଙ୍କ ସହ ୨ଟି ହାତୀରେ ଆରୋହଣ ପୂର୍ବକ ସମୁଦ୍ର ତଟ ବାଲୁକା ରାସ୍ତାରେ ପଦ୍ମ ପୁରାଣ ଓ ପ୍ରାଚୀ ମାହାତ୍ମ୍ୟରେ ଉଲ୍ଲେଖ ମୈତ୍ରୟ ବନ ପଦ୍ମକେଶର ଦେଉଳ ପରିଦର୍ଶନ ନିମନ୍ତେ ସେଠାରେ ପହଞ୍ଚି ସେମାନେ ସମ୍ମୁଖୀନ ହୋଇଥିବା ପରିସ୍ଥିତିର ଗୋଟି ଗୋଟି ବିବରଣୀ ଦୁହିଁଙ୍କ ଦସ୍ତଖତ ଥିବା ଚୈତ୍ର ତ୍ରୟୋଦଶୀ ର ଚିଟଉ ବୀର କିଶୋର ଦେବ (୧୭୪୯-୧୭୯୬ ଖ୍ରୀଷ୍ଟାବ୍ଦ) ରାଜାଙ୍କ ମାଦଳାପାଞ୍ଜି ନଥି ୩୪ ରେ ଉଲ୍ଲେଖିତ ରହିଥିଲେ ମଧ୍ୟ ମାଦଳାପାଞ୍ଜି ଦିବ୍ୟ ସିଂହ ଦେବ ଙ୍କ ସମୟରେ ବାବା ବ୍ରହ୍ମଚାରୀଙ୍କ ଉଲ୍ଲେଖ କରିଥିବା ଭ୍ରମାତ୍ମକ ଅଟେ। ସେଥିରେ ନୀଳାମ୍ବର ପଟ୍ଟନାୟକଙ୍କ ଉକ୍ତିରେ କେଶୋମାରୁ, ଜଣେ ହିନ୍ଦୁ, ପଦ୍ମକେଶର ଦେଉଳର ଧ୍ୱଜ-ପଦ୍ମ (ଶିଖର-ଧ୍ୱଜ) ଉପାଡି ନେଇ ଯାଇଥିବା ବିଷୟର ଉଲ୍ଲେଖ ରହିଛି।

ଏହା ଜନଶୃତି ଆଧାରିତ ବକ୍ତବ୍ୟ ଅଟେ। ଏଥିରେ କୌଣସି ସତ୍ୟତା ନାହିଁ। ମାଦଳାପାଞ୍ଜି ଗଜପତି ରାମଚନ୍ଦ୍ର ଦେବଙ୍କ ପୁତ୍ର ପୁରୁଷୋତ୍ତମ ଦେବଙ୍କ ସମୟରେ କେସୋମାରୁ ଆସି ରଥ ପୋଡି ଦେଇଥିବା ଘଟଣାର ବର୍ଣ୍ଣନା କରିଛନ୍ତି। କଳାପାହାଡ ଆକ୍ରମଣ ତା'ର ଅନେକ ବର୍ଷ ପୂର୍ବବର୍ତ୍ତୀ ଚାଲୁକ୍ୟ ମୁକୁନ୍ଦ ଦେବ (୯୧୨-୯୨୧ ଖ୍ରୀଷ୍ଟାବ୍ଦ) ସମୟ କାଳୀନ ଥିଲା। କଳାପାହାଡ ର ଶ୍ରୀମନ୍ଦିର ର କ୍ଷତି ଓ ଲୁଣ୍ଠନ କରିଥିବା ଲିପିବଦ୍ଧ ରହିଛି। ପଦ୍ମକେଶର ଦେଉଅଳ ସମ୍ବନ୍ଧରେ କିଛି ଉଲ୍ଲେଖ ହୋଇନାହିଁ।

ପୁରୁଷୋତ୍ତମ ଦେବଙ୍କ ସମୟରେ ହୋଇଥିବା ମାପଜୁପକୁ Indian Monuments ରେ N S Ramaswami ନିଜ ଭାଷାରେ ଲେଖୁଛନ୍ତି - ମଧ୍ୟକାଳୀନ ରାଜାମାନଙ୍କ ପାଖରେ ପରିଲକ୍ଷିତ ନ ହେଉଥିବା ବିରଳ ପ୍ରକୃତିର ବାହାରେ ସେହି ଶୂନ୍ୟ ମନ୍ଦିରର ପରିମିତି ତଥ୍ୟ ନେବାର ମାନସିକତାରେ ପ୍ରେରିତ ହୋଇ ପୁରୀ ମନ୍ଦିର ଦାୟିତ୍ୱରେ ଥିବା ନାଥ ମହାପାତ୍ରଙ୍କ ଦ୍ୱାରା ମାପ କରେଇଥିଲେ। ମାପର ଏକକ ଭାବରେ ରାଜାଙ୍କ ୨୮ ଆଙ୍ଗୁଳି ମାପର ଏକ ବାଡିକୁ ଏକକ ରୂପେ ବ୍ୟବହାର କରିଥିଲେ। ଏହି ବିବରଣୀରେ ବିଗ୍ରହ ପୀଢ ସହ ଗର୍ଭଗୃହ, ଦ୍ୱାରମଣ୍ଡପ ଏବଂ ଅରୁଣ ସ୍ତମ୍ଭର ମାପର ବିବରଣୀ ସେଥିରେ ଉଲ୍ଲେଖ ରହିଛି। କଳଶ ଓ ପଦ୍ମସ୍ଥୁପିକା ଭଗ୍ନ ଅବସ୍ଥାରେ ଥିଲା। ଗୋଟିଏ ଚୁମ୍ବକୀୟ ବାଡି, ବୋଧହୁଏ କଳଶରେ ଲାଗିଥିଲା, ଯଥା ସ୍ଥାନରେ ଥିଲା।

ବୟ ଚକଡା ମୁକୁନ୍ଦ ଦେବଙ୍କ ସମୟର ମାଦଳାପାଞ୍ଜିଙ୍କ ନଥି ନଂ ୭ ର ଉଲ୍ଲେଖ କରୁଛନ୍ତି - କଳାପାହାଡ

ପଦ୍ମକେଶର ଦେଉଳ କୁ ଲୁଣ୍ଠନ କରିବାକୁ ଯିବା ଶୁଣି କିଲ୍ଲା ବୟାଳସି ବାଟିର ଦଳବେହେରା ଶିଖରରେ ଥିବା ରୁବି-ଯୁକ୍ତ ପଦ୍ମ-ଧ୍ୱଜକୁ ବାହାର କରି ନିଜ ଗୃହରେ ନେଇ ରଖିଥିଲେ। ପରେ ପୁରୁଷୋତ୍ତମ ଦେଉଳ କୋଷାଗାରରେ ଜମା କରା ଯାଇଥିଲା।

ସମ୍ଭବତଃ, ୯୯୭ ଖ୍ରୀଷ୍ଟାବ୍ଦ ପରେ ମନ୍ଦିରର ରକ୍ଷଣାବେକ୍ଷଣା ନିମନ୍ତେ ରାଜାମାନେ ଅସମର୍ଥତା, ଚନ୍ଦ୍ରଭାଗା ନଦୀ କାଳକ୍ରମେ ଶୁଖି ଯାଇ ପୋତାଶ୍ରୟ ନିମନ୍ତେ ଅଯୋଗ୍ୟ ବିବେଚିତ ହେବା, ଭୂମି ତଳେ ପ୍ରବାହିତ ପ୍ରାଚୀନ ଚନ୍ଦ୍ରଭାଗା ନଦୀ ଯୋଗୁଁ ମୃତ୍ତିକା-କ୍ଷୟ ଆଦି କାରଣରୁ ମନ୍ଦିର ଶିଖର ତା'ର ଭାରସାମ୍ୟ ହରାଇ ସମୟକ୍ରମେ ଭୁଷୁଡି ପଡିଥିବା ଅନୁମିତ ହୁଏ। କୋଣାର୍କ ମନ୍ଦିରର ପୂର୍ଣ୍ଣାଙ୍ଗ ଅବସ୍ଥାର ଶେଷ ଲିପିବଦ୍ଧ ରୂପ ସମ୍ଭବତଃ ଆକବର ୧ମ ଙ୍କ ମନ୍ତ୍ରୀ ଅବୁଲ ଫଜଲ ଙ୍କ ଦ୍ୱାରା ହୋଇଥିଲା।

ବାବା ବ୍ରହ୍ମଚାରୀଙ୍କ ଗସ୍ତର ବହୁତ ବର୍ଷ ପରେ ସରକାରୀ ନଥିପତ୍ରରୁ ୧୮୨୪ ରେ କଟକର ଇଂରେଜ କମିଶନରଙ୍କ ପାଖରେ କର୍ମରତ ଇଂରେଜ ଅଫିସର ଆଣ୍ଡ୍ରୁ ଷ୍ଟେର୍ଲିଂଙ୍କୁ ମନ୍ଦିରର ଦାୟିତ୍ୱ ଦିଆ ଯିବାର ଲିପିବଦ୍ଧ ସନ୍ଦର୍ଭ ମିଳୁଛି, ଏଥିମଧ୍ୟରେ ଲମ୍ବା ସମୟର ଅନ୍ତରାଳରେ ପରିତ୍ୟକ୍ତ ଅବସ୍ଥାରେ ଥିବା ମନ୍ଦିରଟି ଉପେକ୍ଷା, ପ୍ରାକୃତିକ ବିପର୍ଯ୍ୟୟ, ସ୍ଥାନୀୟ ଅଧିବାସୀ ମାନଙ୍କ ଦ୍ୱାରା ପ୍ରାସାଦ ସାମଗ୍ରୀର ବିନିୟୋଜନ ଜନିତ ଅବସ୍ଥା ଭୋଗିଥିଲା। ଆଣ୍ଡ୍ରୁ ଷ୍ଟେର୍ଲିଂ ତାଙ୍କ ରିପୋର୍ଟରେ ଲେଖିଛନ୍ତି – "ସ୍ୱାଭାବିକ ରୂପେ ଭୂମିକମ୍ପ କିମ୍ବା ବିଜୁଳୀ ଏହି ଜୀର୍ଣ୍ଣାବସ୍ଥାର ମୂଳ ଉତ୍ସ ଯେତେବେଳେ ହେଇଯାଆନ୍ତି ଅନେକ କାରଣର ସହଭାଗୀତାରେ ଏହି ଧ୍ୱଂସ ଅଧିକ ତ୍ୱରାନ୍ୱିତ ହୋଇଯାଏ। ପାଣିପାଗର କିମ୍ବା ବୃକ୍ଷଲତାଗୁଡିକର ଭିତ୍ତିପ୍ରସ୍ତର ତଳ ପର୍ଯ୍ୟନ୍ତ ବୃଦ୍ଧିର ପ୍ରଭାବ ଏହି ପରିତ୍ୟକ୍ତ ପ୍ରାସାଦରେ ଯେତିକି କୁହା ଯାଇ ପାରିବ, ପରିଷ୍କାର ରୂପେ ଧାତୁର ଇଛା କରି ପଥରକୁ ଭିଡି ରଖୁଥିବା ଲୁହା କ୍ଲାମ୍ପ ଗୁଡିକୁ ଜବରଦସ୍ତ ବାହାର କରି ନେଇ ସ୍ଥାନୀୟ ବାସିନ୍ଦାମାନେ ଅଧିକ କ୍ଷତି ଘଟାଇ ଥିବା କଥା ତାଠୁଁ ଅଧିକ କୁହା ଯାଇ ପାରିବ। ଏବଂ ଏହା ମଧ୍ୟ ସର୍ବଜନବିଦିତ ଯେ ପୁରୀର କେଉଁ ଅନାମଧେୟ ମନ୍ଦିର ତୋଳିବା ସାମଗ୍ରୀ ଏଠାରୁ ନେବା ପାଇଁ ମରାଠା ସରକାର କାନ୍ଥର ଗୋଟିଏ ପାଖ ଭାଙ୍ଗି ଦେଇଛନ୍ତି।"

ଆଣ୍ଡ୍ରୁ ଷ୍ଟେର୍ଲିଂଙ୍କ ଏହି ରିପୋର୍ଟ ASIATIC RESEARCHES ର ୧୫ତମ ଖଣ୍ଡରେ ପ୍ରକାଶିତ ହୋଇଛି। ତାଙ୍କ ପନ୍ଦର ବର୍ଷ ପରେ ଫର୍ଗୁସନ ଆସିଥିଲେ ଯିଏ ମୂଳ ମନ୍ଦିରର ୧୪୦ ରୁ ୧୫୦ଫୁଟ ଉଚ୍ଚର ଦୁର୍ଗ ରହିଥିବା କଥା ଉଲ୍ଲେଖ କରିଥିଲେ। କିନ୍ତୁ ଭିତ୍ତି ଉପରେ ଆଜି ଦେଖା ଯାଉଥିବା ଚକ ଓ ଅଶ୍ୱ କଥା ଉଲ୍ଲେଖ କରି ନ ଥିଲେ। ତା ଅର୍ଥ ସେଗୁଡିକ ସେତେ ଯାଏଁ ବାଲୁକା ସ୍ତୁପ ଭିତରେ ରହିଥିଲା।

୧୮୪୮ରେ ହୋଇଥିବା ଝଡ କ୍ଷୟକ୍ଷତିକୁ ବଢେଇ ଦେଇଥିବା ସେଠାକୁ ପଠା ଯାଇଥିବା ଏକ ବାପ୍ଟିଷ୍ଟ ମିଶନ ତାଙ୍କ ରିପୋର୍ଟରେ ଦର୍ଶେଇ ଥିଲେ। ୧୮୬୮ ରେ କୋଣାର୍କ ର ପରବର୍ତ୍ତୀ ବୃତ୍ତାନ୍ତ ଲେଖିଥିବା ରାଜେନ୍ଦ୍ରଲାଲ ମିତ୍ର ତାଙ୍କ ପୁସ୍ତକ "ANTIQUITIES OF ORISSA" ରେ କୋଣାର୍କର ଭଗ୍ନ ସ୍ତୁପ ଉପରେ ହିଁ ଅଧିକ ଆଲୋକପାତ କରିଥିଲେ। କିନ୍ତୁ ସେତେବେଳକୁ କ୍ଷୟକ୍ଷତିର ପରିମାଣ ଅଧିକ ହୋଇ ସାରିଲାଣି।

୧୯୦୦ ମସିହାରେ ବଙ୍ଗ ମଣ୍ଡଳ ARCHAEOLOGICAL SURVEYOR ପରାମର୍ଶ ଦେଲେ ଯେ କ୍ଷତିଗ୍ରସ୍ତ ଭବନର ସଂରକ୍ଷଣ ଆବଶ୍ୟକ।

୧୯୦୧ ରେ ବାଲିସ୍ତୁପ ଭିତରୁ ପ୍ରଥମ ଚକ ଆବିଷ୍କାର କରାଗଲା।

୧୯୧୦ ରେ ସ୍ମୃତିଭବନ ତାର ବର୍ତ୍ତମାନର ଅବସ୍ଥାକୁ ପ୍ରାୟ ଆସି ଯାଇଥିଲା।

୧୯୫୬ ରେ ଆହୁରି ସଫା କରାଯିବା ଫଳରେ ମାୟାଦେବୀ ମନ୍ଦିର ପାଖରେ ଅନ୍ୟ ଏକ ଇଟା ନିର୍ମିତ ବୈଷ୍ଣବ ମନ୍ଦିର ବାହାରକୁ ଆସିଲା। ସେଠାରେ ବହୁବର୍ଷ ଧରି ଅବସ୍ଥାପିତ ଭାରତ ସରକାରଙ୍କ ପ୍ରତ୍ନତତ୍ତ୍ୱ ବିଭାଗ ଅଧିକାରୀ ସେହି ଇଟାରୁ ଏହା ଶାମ୍ବଙ୍କ ଦ୍ୱାରା ନିର୍ମିତ ପୁରାତନ ସୂର୍ଯ୍ୟ ମନ୍ଦିର ବୋଲି ଅଭିହିତ କରିଥିଲେ। ଅତି ସହଜରେ ରକ୍ଷଣଶୀଳ ଦର୍ଶକଙ୍କ ସମ୍ବେଦନଶୀଳତାର କାରଣ ହୋଇ ଯାଉଥିବା ମନ୍ଦିର କାନ୍ଥ ଗାତ୍ରର ଜଟିଳ ଓ ସୂକ୍ଷ୍ମ କାରୁକାର୍ଯ୍ୟରେ ସଜ୍ଜିତ ମୂର୍ତ୍ତିକଳା ସମ୍ବନ୍ଧରେ ମତ ଦେଇ ପ୍ରଖ୍ୟାତ ଆମେରିକୀୟ ଲେଖକ ଓ ଅଭିନେତା ଲୋୱେଲ ଥୋମାସ ଏହାକୁ ବିଶ୍ୱର ଏକ ସୁନ୍ଦର ଓ କାମୋଦ୍ଦୀପକ ପ୍ରସାଦ ରୂପେ ବର୍ଣ୍ଣନା କରିଥିଲେ।

ଏହି ପରିପେକ୍ଷୀରେ ସୁଇସ୍‌ମନୋଚିକିତ୍ସକ କାର୍ଲ ଜଙ୍ଗଙ୍କ ମନ୍ତବ୍ୟ ଗୁରୁତ୍ୱପୂର୍ଣ୍ଣ। ସେ ଆଜି ଜୀବିତ ନାହାନ୍ତି ସତ,

କିନ୍ତୁ ତାଙ୍କ ପ୍ରତିଷ୍ଠିତ ସଂସ୍ଥା ମାନସିକ ରୋଗୀଙ୍କ ପ୍ରାକୃତିକ ଚିକିତ୍ସା ଅନୁକ୍ରମେ ଭାରତ ଦର୍ଶନ ବ୍ୟବସ୍ଥାରେ ଆଜି ବି କୋଣାର୍କ ଓ ପୁରୀର ଦର୍ଶନ ସେମାନଙ୍କୁ କରେଇଥାଏ। ସେ ୧୯୩୮ରେ ଯେତେବେଳେ ଭାରତ ବୁଲିବାକୁ ଆସିଥିଲେ, କୋଣାର୍କ ମନ୍ଦିରରେ ତାଙ୍କ ପଥପ୍ରଦର୍ଶକ ରୂପେ ନିୟୋଜିତ ଥିବା ଜଣେ ପଣ୍ଡିତ, ତାଙ୍କୁ (ଜଣେ ୟୁରୋପୀୟ ପରିଦର୍ଶକଙ୍କୁ) ମନ୍ଦିର କାନ୍ଥ ଗାତ୍ରରେ ଖୋଦିତ ଏହି କାମୋତ୍ତେଜକ ଦୃଶ୍ୟମାନ ଦେଖେଇବା ନିମନ୍ତେ କୁଣ୍ଠା ଅନୁଭବ କରିଥିଲେ। କିନ୍ତୁ ମାନବୀୟ କାମ ବାସନାର ସୂକ୍ଷ୍ମତମ ସ୍ତରକୁ ବୁଝି ପାରିଥିବା ମନୋଚିକିତ୍ସକ କାର୍ଲ ଜଙ୍ଗ ଅନ୍ୟ ପକ୍ଷରେ ମନ୍ତ୍ରମୁଗ୍ଧ ପୂର୍ବକ ତାଙ୍କ ସ୍ୱବିଚାରପୂର୍ଣ୍ଣ ଲେଖାରେ ଲେଖିଥିଲେ: "ମୁଁ ଭାରତରେ ଏକ ଜାଜ୍ୱଲ୍ୟମାନ, ଅଥଚ ବାଲୁକାସ୍ତୁପ ଭିତରେ ପରିତ୍ୟକ୍ତ ୪୦୦ ବର୍ଷ ତଳେ ମୁସଲମାନମାନଙ୍କ ଦ୍ୱାରା ଧ୍ୱଂସ ଆରମ୍ଭ କରାଯାଇ ଧୀରେ ଧୀରେ ଧ୍ୱଂସର ଶିଖରରେ ଆସି ପହଞ୍ଚି ଥିବା ମନ୍ଦିର ଦେଖିଲି। ଅପବିତ୍ର ଭାବର ଉଦ୍ଗାଗରଣ ଫଳରେ ସୃଷ୍ଟି ହେଉଥିବା ଶୂନ୍ୟସ୍ଥାନ ତଥା ଏକ ଅଲୌକିକ ଅନୁଭବରେ ରଞ୍ଜିତ ଅନୁଭୂତିର ଧାରଣା ଏହା ମୋତେ ଦେଇଥିଲା।"

ଅନେକ କଥା ଓ କିମ୍ବଦନ୍ତୀରେ ପୂର୍ଣ୍ଣ କାରୁ-କାର୍ଯ୍ୟ-କଳା ବିଭୂଷିତ ପଦ୍ମକେଶର ଦେଉଳ କୁ ପ୍ରତ୍ୟେକ ଓଡିଆ ଝୁରିଛି; ପ୍ରତ୍ୟେକ ଭାରତୀୟ ଝୁରୁଛି; ସାରା ବିଶ୍ୱବାସୀ ଝୁରୁଛନ୍ତି। ଏହି ଭାବ ପଦ୍ମଶ୍ରୀ କବି ଡ: ମାୟାଧର ମାନସିଂହ ଲେଖନୀରେ ଝରି ଉଠିଥିଲା:

"ବାରଶତ କବି କଳ୍ପନାରେ, ଜଗତର ବୁଦ୍ଧି ଅଜଣାରେ,

ଅଜ୍ଞାତ ରହସ୍ୟମୟ ଶଇଶବ ଯାପିତ ତୋହରି ଯେ ଦିନ ଚକିତ ଦୃଷ୍ଟି ବିଶ୍ୱର ଗୋ ପଡ଼ିଲା।

ତୋ'ପରି ଯୌବନ-ଲାବଣ୍ୟ-ଲୀଳା ଖେଳୁଅଛି ଅଙ୍ଗେ ଅଙ୍ଗେ ତବ, ଫୁଟି ଉଠେ ଦେହେ ଦେହେ,

ସୁଲଳିତ ଅଙ୍ଗ-ସଉଷ୍ଠବ ମନ୍ତ୍ର ଶିଖି ଆସିଥିଲ, ମନ-ଜୟେ ମନର ସେ ପାରେ ବାରଶତ କବି କଳ୍ପନାରେ।"

**୧୦୦୦, ୨ୟ ତୋଟା ସାହି**

**ବିଜିପୁର, ବ୍ରହ୍ମପୁର -୭୬୦୦୦୫**

"WE KNOW ONLY TOO WELL THAT WHAT WE ARE DOING IS NOTHING MORE THAN A DROP IN THE OCEAN. BUT IF THE DROP WERE NOT THERE, THE OCEAN WOULD BE MISSING SOMETHING."

We are proudly non-profit, non-corporate and non-compromised. Thousands of people like you help us stand up. We rely on donations to carry out our mission.

Will you give today?

razorpay.me/@shubhdristi

# ଦର୍ପଣ ଦେଖାଇବାକୁ ପଡିବ!

## ପ୍ରତ୍ୟୁଷ ଦେବାଶିଷ



ବ୍ୟକ୍ତିଗତ ସ୍ୱାର୍ଥକୁ ଆଗରେ ରଖି କେବଳ ଏକ ମିଛ ଶାନ୍ତିର ବାର୍ତ୍ତା ବାଣ୍ଟୁଥିବା ଆମେରିକାର ଚେହେରା ଆଜି ସମସ୍ତଙ୍କ ପାଖରେ ସୁସ୍ପଷ୍ଟ। ରୁଷ୍ - ୟୁକ୍ରେନ୍ ଯୁଦ୍ଧର ଏକ ଜଟିଳ ପରିସ୍ଥିତିରେ ଆମେରିକାର ଦୋମୁହାଁ ନୀତି ସାରା ବିଶ୍ୱବାସୀଙ୍କୁ ବ୍ୟଥିତ କରିଛି। ଯୁଦ୍ଧ ଆରମ୍ଭ ଦିନଠାରୁ ହିଁ ଭାରତର ଆଭିମୁଖ୍ୟ ଉପରେ ସମସ୍ତଙ୍କ ନଜର ଏବଂ ସେହି ମଧ୍ୟରେ ବାଇଡେନ୍ ସରକାର ଭାରତକୁ ରୁଷିଆ ସହ ସମ୍ପର୍କ ଛିନ୍ନ କରିବା ନିମନ୍ତେ ଚାପ ପକାଇ ଆସୁଛି। ଭାରତ ନିଜର ୮୫ ପ୍ରତିଶତ ଅଶୋଧିତ ତୈଳ ପାଇଁ ରୁଷିଆ ଉପରେ ନିର୍ଭର କରେ, ଏଣୁ ଭାରତ - ରୁଷ୍ ସମ୍ପର୍କ ବହୁତ୍ ପୁରୁଣା। ହେଲେ, ଦୃଷ୍ଟି ଆକର୍ଷଣର ବିଷୟ ଏହା କି ଯେ, ୟୁରୋପୀୟ ଦେଶ ଗୋଟିଏ ପ୍ରହରରେ ଯେତିକି ଅଶୋଧିତ ତୈଳ ରୁଷିଆଠାରୁ କ୍ରୟ କରେ, ସେତିକି ଅଶୋଧିତ ତୈଳ ଭାରତ ଏକ ମାସରେ ବି କିଣିପାରେ ନାହିଁ। ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଦ୍ୱିପାକ୍ଷିକ ସାମ୍ବାଦିକ ସମ୍ମିଳନୀରେ ଜଣେ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତର ରଖି ଏହା କହିଥିଲେ। ତଥାପି, ବର୍ତ୍ତମାନ ଆମେରିକା ସାରା ବିଶ୍ୱକୁ ରୁଷିଆ ସହ ବ୍ୟାବସାୟିକ ସମ୍ପର୍କ ଭାଙ୍ଗିବାକୁ ଅହରହ ଚେଷ୍ଟା ଜାରିରଖିଛି। ପୁନଶ୍ଚ ଯୁଦ୍ଧ ଆରମ୍ଭ ପରଠାରୁ ଆମେରିକା ପୂର୍ବାପେକ୍ଷା ଦୈନିକ ୪୩% ଅଧିକ ଅଶୋଧିତ ତୈଳ ରୁଷିଆଠାରୁ ହିଁ ଆମଦାନୀ କରୁଛି। ନିଜ ବ୍ୟବସାୟ ଅକ୍ଷୁର୍ଣ୍ଣ ରଖି ଅନ୍ୟ ଦେଶ ମାନଙ୍କ ଉପରେ ଚାପ ପକାଇ ଆମେରିକା କଣ ପ୍ରମାଣ କରିବାକୁ ଚାହୁଁଛି, ସେ ଉତ୍ତର ପାଠକଙ୍କ ପାଖରେ। ବାଇଡେନ୍ ସରକାର ୟୁକ୍ରେନକୁ ଅସ୍ତ୍ରଶସ୍ତ୍ର ପାଇଁ ୭୬୦୭ କୋଟି ସାହାଯ୍ୟ କରିଥିବା ବେଳେ, ରୁଷିଆ ଠାରୁ ଯୁଦ୍ଧ ପରଠାରୁ ୨.୮୩ ଲକ୍ଷ କୋଟିର ବ୍ୟାପାର କରିଛି ଏବଂ ବର୍ତ୍ତମାନ ସୁଦ୍ଧା ଦୈନିକ ୬୮୦୦ କୋଟିର ତୈଳ ଆମଦାନୀ କରିବା ଜାରି ରଖିଛି। ଆମେରିକା ରୁଷିଆଠାରୁ ନିଜ ୟୁରାନିୟମ୍ ଆବଶ୍ୟକତାର ୧୬% ଭରଣ କରେ। ଯଦି ଏହି ବ୍ୟାପାର ବନ୍ଦ ହୁଏ, ତେବେ ବାଇଡେନ୍ ସରକାରକୁ ୭୫୦୦କୋଟିର କ୍ଷତି ସହିବାକୁ ପଡ଼ିବ। କେବଳ ସେତିକି ନୁହେଁ, ଆମେରିକା ପୋଟାସିୟମ୍, ୟୁରାନିୟମ୍ ଏବଂ ଡାଇ - ଆମୋନିୟମ୍ ସଲଫେଟ୍ ପାଇଁ ରୁଷିଆ ଉପରେ ଯଥା କ୍ରମେ ୬%, ୧୩% ଏବଂ ୨୦% ନିର୍ଭର କରେ। ଆମେରିକା ଏହି ନୀଚ ରାଜନୀତି ନିମନ୍ତେ ଅନେକ ବନ୍ଧୁ ରାଷ୍ଟ୍ର ବର୍ତ୍ତମାନ ଆମେରିକାକୁ ବିରୋଧ କରିବା ଆରମ୍ଭ କଲେଣି। ସାଉଦି ଆରବ, ଯିଏ ଦିନେ ଆମେରିକାର ଘନିଷ୍ଠ ବନ୍ଧୁ ଥିଲା, ସେହି ଦେଶ କିଛି ଦିନ ପୂର୍ବରୁ ରାଷ୍ଟ୍ରପତି ଜନ୍ ବାଇଡେନ୍ ଏବଂ ଉପ-ରାଷ୍ଟ୍ରପତି କମଳା ହାରିଶଙ୍କ ଏକ ବ୍ୟଙ୍ଗାତ୍ମକ କ୍ଷୁଦ୍ର ଚଳଚ୍ଚିତ୍ର ନିଜର ଏକ ମିଡିଆରେ ପ୍ରସାରିତ କରିଥିଲେ। ଆମେରିକାର ମନମୁଖୀ କାର୍ଯ୍ୟ ବିଶ୍ୱର ପ୍ରମୁଖ ରାଷ୍ଟ୍ରମାନଙ୍କୁ ଦ୍ୱନ୍ଦରେ ପକାଇବାକୁ ବାଧ କରୁଛି। ସେଥି ନିମନ୍ତେ ଅନେକ ଦେଶ ବର୍ତ୍ତମାନ ଆମେରିକାକୁ ଦର୍ପଣ ଦେଖାଇବାକୁ ପ୍ରସ୍ତୁତ ହେଲେଣି।

ଏହି ମାସ ୧୨ ତାରିଖରେ ଆମେରିକାର ମାନବ ଅଧିକାର ସଂରକ୍ଷଣ ରିପୋର୍ଟ୍ ପ୍ରକାଶ ପାଇଛି। ଏହି ରିପୋର୍ଟରେ ଆମେରିକା ୧୯୪ ଦେଶର ମାନବ ଅଧିକାର ସଂରକ୍ଷଣ ଉପରେ ଚିନ୍ତା ପ୍ରକାଶ କରିଛି। ଏହି ବିବରଣୀରେ ଭାରତ ସମ୍ବନ୍ଧରେ ଅନେକ ମତ-ମନ୍ତବ୍ୟ ଉଲ୍ଲେଖ କରିଛି ଆମେରିକା ସରକାର। ରିପୋର୍ଟ୍ ଅନୁସାରେ, ଭାରତରେ ଅଭିବ୍ୟକ୍ତିର ସ୍ୱାଧୀନତା ଉପରେ ଭାରତ ସରକାର ଲଗାମ୍ ଲଗାଇଛନ୍ତି ତଥା ଧାର୍ମିକ ସ୍ୱାଧୀନତା ବି କ୍ଷୁର୍ଣ୍ଣ ହେବାରେ ଲାଗିଛି। ଏହିଠାରେ ହିଁ ପ୍ରଶ୍ନ ଉଠେ, ଆମେ ବର୍ତ୍ତମାନ ବିଶ୍ୱର ସବୁଠାରୁ ବୃହତ୍ ଗଣତନ୍ତ୍ର ଅଟୁ ତଥା ଭାରତର ପ୍ରଧାନମନ୍ତ୍ରୀ କେବଳ ସମ୍ବିଧାନର ଶପଥ ନିଅନ୍ତି, ହେଲେ ନିଜକୁ ଗଣତନ୍ତ୍ରର

ରକ୍ଷକ କହୁଥିବା ଆମେରିକା ବାଇବେଲକୁ ସାକ୍ଷୀ ରଖି ତାଙ୍କର ରାଷ୍ଟ୍ରପତି ଶପଥ ଗ୍ରହଣ କରନ୍ତି। ଏହି ବ୍ୟବସ୍ଥାରୁ ହିଁ ଆମେରିକାର ଧାର୍ମିକ ସ୍ୱାଧୀନତା ଟିପ୍ପଣୀ, ନିଜ ଦ୍ୱାରା ହିଁ ଖଣ୍ଡିତ ହେଉଛି। ପୁନଶ୍ଚ, ରିପୋର୍ଟ ଅନୁସାରେ ଭାରତରେ ବେନିୟମ ଗିରଫଦାରୀ ବଢିବା ତଥା ଅଭିଯୁକ୍ତଙ୍କୁ ସଠିକ ସମୟରେ ଅଦାଲତରେ ହାଜିର ନ କରିବା ବିଷୟରେ ପ୍ରକାଶ ରହିଛି ।ପୋଲିସ ଏବଂ ସରକାରଙ୍କ ମନମୁଖୀ ଶାସନରେ ନାଗରିକଙ୍କ ମାନବ ଅଧିକାର ଉଲ୍ଲଂଘନ ହେଉଥିବା ଦର୍ଶାଇଛନ୍ତି। କୃଷକ ଆନ୍ଦୋଳନରେ ଆଗକୁ ଆସିଥିବା ଦିଶା ରବି, ଯାହାଙ୍କ ଉପରେ ଦେଶଦ୍ରୋହର ସଙ୍ଗିନ ଆରୋପ ଲାଗିଛି, ତାଙ୍କ ପାଇଁ ଆମେରିକା ସରକାର ଚିନ୍ତାଗ୍ରସ୍ତ। କେବଳ ସେତିକି ନୁହେଁ, ହିନ୍ଦୁ ଧାର୍ମିକ ଭାବନାକୁ ନିଜ କମେଡି ମାଧମରେ ବାରମ୍ବାର କୁଠାରଘାତ କରୁଥିବା ମୁନାୱର ଫାରୁକିଙ୍କ ଅଭିବ୍ୟକ୍ତିର ସ୍ୱାଧୀନତା ପାଇଁ ରିପୋର୍ଟରେ ଉଲ୍ଲେଖ ରହିଛି। ପୂର୍ବତନ ଜମ୍ମୁକାଶ୍ମୀର ମୁଖ୍ୟମନ୍ତ୍ରୀ ମେହବୁବା ମୁଫତି ଏବଂ ଭୀମା କୋରେଗାଓଁ ଦଙ୍ଗା ଘଟଣାରେ ସମ୍ପୃକ୍ତ 15 ଦୋଷୀଙ୍କ ପାଇଁ ଆମେରିକା ଏକ ତରଫା ମାନବାଧିକାର ଡିଣ୍ଡିମ ପିଟିବା ଆରମ୍ଭ କରିଛି। ଫେବୃଆରୀ, ୨୦୨୧ରେ ଭାରତ ସରକାର ଟ୍ୱିଟରକୁ କୃଷକ ଆନ୍ଦୋଳନ ଅନ୍ତର୍ଗତ ମିଛ ଖବର ପ୍ରସାରଣ କରୁଥବା ଆକାଉଣ୍ଟଗୁଡିକୁ ବନ୍ଦ କରିବା ପାଇଁ ଆବେଦନ କରିଥିଲେ, ହେଲେ ବାଇଡେନ୍ ସରକାର ଏହାକୁ ବିରୋଧ କରୁଛନ୍ତି।




ଯେତେବେଳେ ମାନବାଧିକାରର ଉଲଂଘନ କଥା ଉଠେ, ସେତେବେଳେ ଖୋଦ୍ ଆମେରିକାରେ ଅଧିକ ଏହି ଘଟଣା ହେଉଥିବାର ଉଲ୍ଲେଖ କରାଯାଏ। ମେ ୨୫,୨୦୨୦ରେ ଜର୍ଜ ଫ୍ଲୋଏଡ ନାମକ ବ୍ୟକ୍ତିକୁ ଆମେରିକୀୟ ପୋଲିସ ରାସ୍ତା ଉପରେ ଗୁଳି କରି ହତ୍ୟା କରିଥିଲେ। ଏହି ଘଟଣା ପରେ ପରେ ଆରମ୍ଭ ହୋଇଥିଲା #BlackLivesMatter ଅଭିଯାନ। ଆମେରିକାରେ ଅଶ୍ୱେତମାନଙ୍କ ବଞ୍ଚିବାର ଅଧିକାର ଉପରେ ବିଶାଳ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ସେହି ୨୦୨୦ରେ ହିଁ ୨୭୧ଜଣ ଅଶ୍ୱେତ ଆମେରିକାରେ ଅତ୍ୟାଚାରର ଶିକାର ହୋଇଥିବାର ତଥ୍ୟ ଆଗକୁ ଆସିଛି । ଆମେରିକୀୟ ସରକାର ଏହି ଆନ୍ଦୋଳନକୁ ନଜର ଅନ୍ଦାଜ କରି ଅନ୍ୟ ଦେଶର ନାଗରିକଙ୍କ ସୁରକ୍ଷା ପାଇଁ ବ୍ୟଥିତ ହେବା କେତେ ଦୂର ଗ୍ରହଣୀୟ, ତାହାର ଉତ୍ତର ଆପଣଙ୍କ ନିକଟରେ। ଏହି ବର୍ଷ ଏପ୍ରିଲ ୩ ତାରିଖରେ ନିୟୁର୍ୟକ ସହରରେ ୨ ଜଣ ଶିଖ୍ ସମ୍ପ୍ରଦାୟର ବ୍ୟକ୍ତିଙ୍କ ଉପରେ ଆକ୍ରମଣର ଘଟଣା ଦେଖିବାକୁ ମିଳିଛି ତଥା ୪ ତାରିଖରେ ଏକ ବ୍ୟକ୍ତି ନିଜ ଗାଡିରେ ଭୁଲ ନମ୍ବର ପ୍ଲେଟ୍ ଲଗାଇଥିବାରୁ ଆମେରିକୀୟ ପୋଲିସ୍ ରାସ୍ତା ଉପରେ ତାଙ୍କୁ ଗୁଳି କରି ହତ୍ୟା କରିବା ଘଟଣା, ସମଗ୍ର ମାନବଜାତି ପାଇଁ ଲଜ୍ଜାକର ଅଟେ ।

ଆମେରିକାରେ ମାନବାଧିକାରର ଖୋଲା ଉଲଂଘନ ହେଉଥିବା ବେଳେ ଅନ୍ୟ ଦେଶମାନଙ୍କୁ ଚେତାଇବା ପ୍ରୟାସ ବନ୍ଦ କରିବାର ଆବଶ୍ୟକତା ରହିଛି। ଏଣୁ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଆମେରିକାରେ ହେଉଥିବା ଘଟଣାରେ ଚୁପ୍ ବସିବୁ ନାହିଁ ତଥା ଅନ୍ୟ ଦେଶରେ ହେଉଥିବା ମାନବାଧିକାର ଉଲଂଘନ ଉପରେ ନଜର ରଖିଛୁ ବୋଲି ମୁକ୍ତ କଣ୍ଠରେ କହିଛନ୍ତି। ଭାରତ ବର୍ତ୍ତମାନ ଏକ ସମୃଦ୍ଧ ରାଷ୍ଟ୍ର ଭାବରେ ସମଗ୍ର ବିଶ୍ୱରେ ଦଣ୍ଡାୟମାନ। ଭାରତର ନେତୃତ୍ୱମାନଙ୍କୁ ଆଜି ଅନେକ ରାଷ୍ଟ୍ର ଅନୁଶୀଳନ କରୁଛନ୍ତି। ଏହି ସମୟରେ ଭାରତ ନିଜର ଏକ ମାନବାଧିକାର ଆୟୋଗ ରିପୋର୍ଟ କରିବାର ଶକ୍ତ ଆବଶ୍ୟକତା ରହିଛି। ଆମେରିକା ପରି ଆତ୍ମଗର୍ବିତ ଦେଶରେ ହେଉଥିବା ମାନବାଧିକାର ଉଲଂଘନକୁ ସମଗ୍ର ମାନବଜାତି ସାମ୍ନାକୁ ଆଣିବାର ସାମର୍ଥ୍ୟ କେବଳ ଭାରତ ପାଖରେ ହିଁ ଅଛି। ସମୟ ଆସିଛି ଆମେରିକା ସରକାରଙ୍କୁ ଦର୍ପଣ ଦେଖାଇ, ତାଙ୍କ ଶରୀରର କ୍ଷତକୁ ଅସ୍ତ୍ରୋପଚାର କରିବାକୁ ପଡିବ।

**ପରିଚାଳନା ସମ୍ପାଦକ,**

**ଶୁଭଦୃଷ୍ଟି**

ଶୁଭଦୃଷ୍ଟି
ଅପ୍ରେଲ ୨୦୨୨

# ସାକ୍ଷାତକାର

## ଯୁବ ଗୀତିକାର ସତ୍ୟରଞ୍ଜୀନ ବଳ



ସତ୍ୟରଞ୍ଜୀନ ବଳ ଆଜିର ଯୁବପିଢ଼ି ପାଖରେ ଏକ ଲୋକପ୍ରିୟ ନାମ । କୁସୁମ କଲି, ବାୱରା ଆଦି ଗୀତରୁ ଆରମ୍ଭ କରି ଉର୍ବଶୀ ପରି ଅନେକ ଗୀତ ମାଧମରେ ସେ ଶ୍ରୋତାଙ୍କ ମନରେ ନିଜର ଛାପ ଛାଡିଯାଇଛନ୍ତି। ନିଜକୁ କେବଳ ଗୀତ ରଚନା ମଧ୍ୟରେ ବାନ୍ଧି ନ ରଖି ଧାରାବାହିକ ଏବଂ ଚଳଚ୍ଚିତ୍ର କାହାଣୀକାର ତଥା ସଙ୍ଗୀତ ନିର୍ଦ୍ଦେଶନା ଦ୍ୱାରା ନିଜ ପ୍ରତିଭାର ପରିଚୟ ଦେଇଛନ୍ତି ସତ୍ୟ । ଓଡ଼ିଆ ସଙ୍ଗୀତର ବିଭିନ୍ନ ବିଭାଗରେ ନିଜ ଦକ୍ଷତାର ପ୍ରମାଣ ଦେଇଛନ୍ତି ସତ୍ୟରଞ୍ଜୀନ।

( ପ୍ରସ୍ତୁତି - ଉତ୍କଳିକା ରାଉତ, କୈବଲ୍ୟ ପ୍ରସାଦ ସାମନ୍ତରାୟ )

**ପ୍ରଶ୍ନ : ଆପଣଙ୍କ ପିଲାବେଳ ଓ ପଢାପଢି ବିଷୟରେ ପାଠକମାନଙ୍କୁ କିଛି ସୂଚନା ଦିଅନ୍ତୁ ?**

ଉତ୍ତର - ପିଲାବେଳକୁ ନେଇ ସେମିତି କିଛି ବିଶେଷ ସ୍ମୃତି ନାହିଁ, କଥା ହେଲା କି ମୁଁ ଏକ ମଧ୍ୟବିତ୍ତ ପରିବାରରୁ ଆସିଛି। ଛୋଟ ବେଳୁ ବଞ୍ଚିବା ସହ ସଂଘର୍ଷ ବି ଦେଖିଛି। ତା ପରେ ପଢ଼ାପଢ଼ି କଥା ହେଲା ମୁଁ ଏକ ଭଲ ଛାତ୍ର ଥିଲି। ମାଟ୍ରିକ ପରୀକ୍ଷା ଶ୍ରେଷ୍ଠ ୧୦୦ ମଧ୍ୟରେ ଥିଲି। ଇଞ୍ଜିନିୟରିଂ କଲି ଆଇଜିଆଇଟି ସରାଙ୍ଗରେ, କିନ୍ତୁ ସବୁ ପରେ ବି ନିଶା ପେଶା ବୋଲି ସଙ୍ଗୀତ କୁ ବାଛିଲି। ଛୋଟ ବେଳୁ ଏହି ସଙ୍ଗୀତ ପ୍ରତି ଆଗ୍ରହ ଥିଲା ସେଇଥିପାଇଁ ମାଟ୍ରିକ ସରୁ ସରୁ ସଙ୍ଗୀତ ଲାଇନରେ ପଶିଗଲି ଆଉ ୧୫ବର୍ଷରୁ କାମ ଆରମ୍ଭ କରି ମୁଁ ହେଲି ଓଡ଼ିଶାର ସର୍ବକନିଷ୍ଠ ଗୀତିକାର।

**ପ୍ରଶ୍ନ : ଏତେ କମ୍ ବୟସରେ ସଙ୍ଗୀତ ଜଗତରେ କାହିଁକି ପାଦଦେଲେ ?**

ଉତ୍ତର - ଗୀତ ରଚନା ଓ ସଙ୍ଗୀତ ନିର୍ଦ୍ଦେଶନା ଦିଗପ୍ରତି ମୁଁ ଆଗେଇନି, ଆକ୍ଚୁଆଲି ସେଇଟା ମୋ ଭିତରେ ଥିଲା। ମୋ ବାପା ବି ଜଣେ କଳାକାର ଥିଲେ, ଭଲ ତାବଲା ବାଦକ ଥିଲେ। ସେଥିପାଇଁ ଛୋଟବେଳୁ ମୁଁ ବି ଗୀତ ଗାଉଥିଲି। ମୋର ବି ଇଚ୍ଛା କଣ୍ଠଶିଳ୍ପୀ ହେବା ପାଇଁ। ଘରେ ପ୍ରଥମେ ସହଯୋଗ କରୁ ନ ଥିଲେ କାରଣ ବାପା ଯେହେତୁ ଜଣେ କଳାକାର ଥିଲେ ସେ ଜାଣିଥିଲେ କଳାକାର ହିସାବରେ ଓଡିଶା ଭଳି ରାଜ୍ୟରେ ସଂଘର୍ଷ କରି ଚଳିବା କେତେ କଷ୍ଟକର। ଆସିଥଲି ସିଙ୍ଗର ହେବା ପାଇଁ ୨୦୧୨ ମସିହାରେ ମାଟ୍ରିକ ପରୀକ୍ଷା ପରେ ହେଉ ହେଉ ହେଇଗଲି ଲିରିସିଷ୍ଟ। କାହିଁକି ନା ଛୋଟବେଳୁ ଗୋଟେ କଥା ମୋ ମୁଣ୍ଡ ଭିତରେ ଥିଲା ଗ୍ଲାମର ଲାଇନକୁ ଆସିବା ପାଇଁ, ଗୀତ ସିନା ଗାଇ ପାରିଲିନି ସେତେବେଳେ ପ୍ରାୟ ବମ୍ବେ ସିଙ୍ଗର ଗୀତ ଗାଉଥିଲେ ଓଡ଼ିଆ ସିଙ୍ଗର ବହୁତ କମ୍ ଗାଉଥିଲେ। ସେଥିପାଇଁ ମୁଁ ଭାବିଲି ଯେଉଁ ଲାଇନରେ କମ୍ ଲୋକ ଥିଲେ ସେ ଲାଇନକୁ ଚାଲିଗଲେ ଜଲଦି ସକ୍ସେସ ମିଳିବ ବୋଲି। ଲେଖା ଲେଖି ଆରମ୍ଭ କରିଲି ଗୀତିକାର ବହୁତ କମ୍ ଥିଲେ। ସେତେବେଳେ ଅରୁଣ ମନ୍ତ୍ରୀ, ବସନ୍ତରାଜ ସାମଲ, ନିଜାମ୍ ଆଉ ବାପୁ ଗୋସ୍ୱାମୀ ଏହି ୪ ଜଣ ଭଲ ଲିରିସିଷ୍ଟ ଥିଲେ। ଆଉ କେହି ପ୍ରାୟ ନ ଥିଲେ, ନିର୍ମଳ ନାୟକ ବି ଥିଲେ। ଲେଖୁ ଲେଖୁ ଲେଖିବା ଆରମ୍ଭ ହେଲା। ତା ପରେ ମୁଁ ନିଜ ଭିତରେ ଆବିଷ୍କାର କଲି ଯେ ଲେଖିବାର କଳା ମୋ ଭିତରେ ଅଛି ବୋଲି।



**ପ୍ରଶ୍ନ : ଇଞ୍ଜିନିୟରିଂରୁ ଗୀତ ରଚନା ଓ ସଙ୍ଗୀତ ନିର୍ଦ୍ଦେଶନା ଦୁଇଟି ଯାକ ଭିନ୍ନ ଦିଗ , ଆପଣ ସଙ୍ଗୀତ ଜଗତକୁ କାହିଁକି ମୁହାଁଇଲେ ?**

ଉତ୍ତର - ନିହାତି ଭାବରେ ଦୁଇଟା ଭିନ୍ନ ଭିନ୍ନ ଦିଗ। କିନ୍ତୁ ଇଂଜିନିୟରିଂ ମୁଁ ଏଥି ପାଇଁ କଲି କି ମତେ ପଢ଼ାପଢି କରିବାକୁ ଭଲଲାଗେ ଯେହେତୁ ଗୋଟେ ଭଲ ଷ୍ଟୁଡେଣ୍ଟ୍ ଥିଲି, ବାପା ମାଙ୍କ ବି ଇଚ୍ଛା ଥିଲା। କିନ୍ତୁ ଛୋଟ ବେଳୁ ମୋର ଇଚ୍ଛା ଥିଲା କି ମୁଁ ଗୋଟେ କଳାକାର ହେବି, ଏହି ଲାଇନରେ ଆସିବି ଆଉ ମଧ୍ୟ ଇଂଜିନିୟରିଂ ପଢିବା ଆଗରୁ ମୁଁ ଏହି ଇଣ୍ଡଷ୍ଟ୍ରିରେ ଥିଲି, କାହିଁକି ନା ୨୦୧୨ରୁ ମୁଁ କାମ କରୁଛି ଇଂଜିନିୟରିଂ ତ ମୋର ୨୦୧୬ରେ ଆରମ୍ଭ ହେଲା। ଛୋଟ ବେଳୁ ବହୁତ୍ ଇଚ୍ଛା ଥିଲା ସେଥିପାଇଁ ଏଇ ଆଡକୁ ମୁହାଁଇଛି।

**ପ୍ରଶ୍ନ : ଆପଣଙ୍କ ପରିବାରର ଆପଣଙ୍କ ଜୀବନରେ କିପରି ପ୍ରଭାବ ଥିଲା ?**

ଉତ୍ତର - ନିହାତି ଭାବରେ ପରିବାରର ସବୁବେଳେ ସମର୍ଥନ ଥାଏ। ବିନା ପରିବାରର ସହଯୋଗରେ କେହି ଆଗକୁ ଆସି ପାରିବେନି। ମଧ୍ୟବିତ୍ତ ପରିବାରରୁ ଆସିଥିଲି। ଯେହେତୁ ମୁଁ ଜଣେ ଭଲ ଛାତ୍ର ଥିଲି ଘର ଲୋକଙ୍କ ମୁଖ୍ୟ କଥା ଥିଲା ପାଠ ପଢିବା ପାଇଁ, କିନ୍ତୁ ଯେତେବେଳେ ପର୍ଯ୍ୟନ୍ତ ଆପଣ କିଛି କରି ନାହାନ୍ତି ଘର ଲୋକଙ୍କ ତରଫରୁ ସେତିକି ସମର୍ଥନ ଆସେନାହିଁ। କିନ୍ତୁ ଯେତେବେଳେ ମୁଁ ଧୀରେ ଧୀରେ ସଫଳତା ପାଇବା ଆରମ୍ଭ କଲି ସେତେବେଳେ ସହଯୋଗର ପରିମାଣ ବଢି ଚାଲିଲା। ୨୦୧୭ରେ ଯେତେବେଳେ ବାପା ଚାଲିଗଲେ ତା ପରେ ବି ଘର ଲୋକ କେତେବେଳେ ବି ମୋତେ ବାଧ କରି ନାହାନ୍ତି ଏ ସଙ୍ଗୀତ ଦୁନିଆ ଛାଡି ପଢ଼ାପଢ଼ି କରି ଚାକିରି କରିବାକୁ। ଘର ଲୋକଙ୍କ ସହଯୋଗ ପାଇଁ ମୁଁ ଆଜି ଏହି ଜାଗାରେ ଅଛି।



**ପ୍ରଶ୍ନ : ଆରମ୍ଭରୁ ଏପର୍ଯ୍ୟନ୍ତ କୁସୁମ କଲି, ବାୱରା ଆଦି ଗୀତରୁ ଆରମ୍ଭ କରି ଉର୍ବଶୀ ପର୍ଯ୍ୟନ୍ତ, ଏପର୍ଯ୍ୟନ୍ତ ଗୀତିକାର ଭାବରେ ଯାତ୍ରା କିପରି ଥିଲା ?**

ଉତ୍ତର - ହଁ, ଆରମ୍ଭରୁ ଯାତ୍ରା ମୋର ବହୁତ୍ ସଂଘର୍ଷ ଥିଲା। କାହିଁକି ନା ମୋର ଏଠି କେହି ଗଡଫାଦର୍ ନଥିଲେ, ଆଉ ମୁଁ ଯେଉଁ ପରିବାରରୁ ଆସିଛି ଦୂରଦୂରରୁ ଏହି ଲାଇନରେ କାହାର ସମ୍ପର୍କ ନାହିଁ। ଯାହାବି କରିଛି ନିଜ ପରିଶ୍ରମରେ କରିଛି। ସମସ୍ତଙ୍କ ପାଖକୁ ବୁଲି ବୁଲି କାମ ପାଇଁ ଯାଇଛି, ହଁ ତା ପରେ ମିଳିଛି। କୁସୁମ କଲି ମୋର ପ୍ରଥମ ଆଲବମ୍ ଥିଲା, ସେଥିରେ ବଦ୍ରି ମହାନ୍ତି ମ୍ୟୁଜିକ କରିଥିଲେ ଆଉ ସେଥିରେ ମଧ୍ୟ ରେପୁଟେଡ ସିଙ୍ଗରମାନେ ଯେମିତିକି କୁମାର ବାପି, ଶୈଳଭାମା, ବିଭୁକିଶୋର ସମସ୍ତେ ଗାଇଥିଲେ। କିନ୍ତୁ ହଁ ଆହୁରି ବହୁତ୍ ଗୀତ ଅଛି ଯୋଉ ଗୀତ ଗୁଡ଼ିକ ପ୍ରାରମ୍ଭିକ ସମୟରେ କରିଥିଲି ହେଲେ ସେହି ଗୀତ ଗୁଡ଼ିକରେ ଏତେ ନାଁ ମିଳିନି। ତା ପରେ ଧୀରେ ଧୀରେ ଗୀତ ଲେଖିବାର ଯାତ୍ରା ଆରମ୍ଭ ହେଲା। କୁସୁମ

କଲି, ବାୱରା, ଉର୍ବଶୀ ଏମିତି... ଯା ମଝିରେ ବି ବହୁତ୍ ଗୀତ ଅଛି। ଏପର୍ଯ୍ୟନ୍ତ ୧୪୬ଟି ଗୀତ ମୁଁ କରି ସାରିଲିଣି ୧୦ବର୍ଷ ଜର୍ଣ୍ଣି ଭିତରେ। ଆଗକୁ ଆହୁରି ବି ବହୁତ୍ କିଛି କରିବାର ସ୍ୱପ୍ନ ଅଛି।

**ପ୍ରଶ୍ନ : ଆପଣ ସଙ୍ଗୀତ କ୍ଷେତ୍ରରେ ଗୀତିକାର, ସଙ୍ଗୀତ ନିର୍ଦ୍ଦେଶକ ଆଉ କିଛି ସିରିଏଲ୍ ଏବଂ ଫିଲ୍ମରେ କାହାଣୀକାର ଭାବେ ମଧ୍ୟ କାମ କରିଛନ୍ତି, ଏ ସବୁ ବିଭିନ୍ନ କାମରେ ଆପଣଙ୍କ କେଉଁଠି ବେଶୀ ଭଲ ଲାଗେ ଓ ଏହାର କାରଣ କ'ଣ ?**

ଉତ୍ତର - ପ୍ରଥମେ ଯେବେ ମୁଁ ପାଦ ଦେଲି ସେତେବେଳେ ମୋର ପରିଚୟ ଥିଲା ଗୀତିକାର। ଗୀତ ଲେଖୁ ଲେଖୁ ପରେ ମତେ ପ୍ରୋତ୍ସାହନ ମିଳିଲା ଆଉ ମତେ ସେତେବେଳେ ଅଫର୍ ମିଳିଲା। କିଛି ଲୋକ ଥିଲେ ଯେମିତି କି ସିରିଏଲ ଡାଇରେକ୍ଟର ନିଖିଳେଶ ଘୋଶ ଏବଂ ମହେଶ ହାଜରା ମତେ ବହୁତ୍ କହିଲେ କି ତମେ ଲେଖି ପାରିବ, ତମର ଭିଜନ ବହୁତ୍ ବଢ଼ିଆ, ତମର ଦୂରଦୃଷ୍ଟି ବହୁତ୍ ଭଲ ଅଛି ତମେ ଚାହିଁଲେ କରିପାରିବ। ସେମାନେ ପ୍ରଥମେ ମତେ ସିରିଏଲ ଅଫର୍ କରିଥିଲେ ତ ମୋର ଇନିସିଆଲ କ୍ୟାରିୟର ଟାଇମରେ ସିରିଏଲ ଲେଖିଥିଲି। ସେତେବେଳେ ଅପା ସିରିଏଲ ଚାଲିଥିଲା। ଅପା ସିରିଏଲ ର ଶେଷ ୫୦ଟା ଅଧ୍ୟାୟ ଲେଖିଛି ତା ପରେ ତପସ୍ୟା ସିରିଏଲର ଆରମ୍ଭରେ ବି ୫୦ଟା ଅଧ୍ୟାୟ ଲେଖିଛି। ତ ସେଇଠୁ ମୋର ଆରମ୍ଭ ହେଲା ସଂଳାପ ଲେଖକ ର ଜର୍ଣ୍ଣି। ତାପରେ ସିନେମାର ବହୁତ୍ ସ୍କ୍ରିପ୍ଟ କରିଛି, ତା ପରେ ଗୀତ,



ସଂଳାପ ଏଇ ଦୁଇଟି ଚାଲୁଥିଲା, ତା ପରେ ହଠାତ୍ ୨୦୨୦ରେ ମୁଁ ଆରମ୍ଭ କରିଲି ମ୍ୟୁଜିକ ଡିରେକ୍ସନ୍। ଯୋଉଟା କି ଆରମ୍ଭ କରିବାର କାରଣ ହେଲା କି ମୁଁ ମୋର ଲେଖା କୁ ପ୍ରାଧାନ୍ୟ ଦିଏ ଆଉ ମୋ ଲେଖାକୁ ଯେତେବେଳେ ପ୍ରପର ମ୍ୟୁଜିକ ମିଳେନି ତ ମୋ ଭିତରେ ଥାଏ କି ସାଟିସଫ୍ୟାକ୍ଟରି ମ୍ୟୁଜିକ ମିଳିଥିଲେ ଭଲ ହେଇଥାନ୍ତା। ତେଣୁ ନିଜ ସାଟିସଫ୍ୟାକ୍ସନ ପାଇଁ ଆରମ୍ଭ କରିଥିଲି ଆଉ ସେକେଣ୍ଡ କଥା ହେଲା ଯେହେତୁ ମୋ ଭିତରେ ଗୋଟେ ଆର୍ଟିଷ୍ଟ, ଗୋଟେ ସିଙ୍ଗର ଥିଲା ତ ସେଇ ସବୁ ବାହାରି ଗଲା ମ୍ୟୁଜିକ ଡିରେକ୍ସନ୍ ପାଇଁ। ପ୍ରଥମେ ଯେବେ ମ୍ୟୁଜିକ ଡିରେକ୍ସନ୍ ଆରମ୍ଭ କଲି ମାହିରେ ମାହିରେ, ତୋର ହେଇକି ରହିବି ମୁଁ, ଉର୍ବଶୀ ତ ଲୋକମାନେ ବହୁତ୍ ସାରା ଭଲ ପାଇବା ଦେଲେ ଆପ୍ରେସିଏଟ୍ କଲେ। ସେଥିପାଇଁ ଆଗକୁ ବି ସଙ୍ଗୀତ ନିର୍ଦ୍ଦେଶନାରେ ମଧ୍ୟ ବହୁତ୍ କାମ କରିବାର ଅଛି।

**ପ୍ରଶ୍ନ : ଆପଣଙ୍କୁ ଅନେକ ପ୍ରଶଂସା ପୁରସ୍କାର ଆଦି ମିଳିଛି, ତେବେ ଏପରି କୌଣସି ପ୍ରଶଂସା ବା ପୁରସ୍କାର ରହିଛି କି, ଯାହାକୁ ଆପଣ ଜୀବନସାରା ମନେ ରଖିଛନ୍ତି ?**

ଉତ୍ତର - କଳାକାର ପାଇଁ ଗୋଟେ ପ୍ରଶଂସା, ପୁରସ୍କାର ବହୁତ୍ ମୂଲ୍ୟବାନ ଆଉ ଆଗକୁ ବଢ଼ିବାକୁ ପ୍ରୋତ୍ସାହନ ଦିଏ। ସେମିତି ଲୋକଙ୍କର ପ୍ରଶଂସାକୁ ବହୁତ ଭଲ ପାଏ ଆଉ ଲୋକମାନେ ବି ଜାଣିଛନ୍ତି ଆଜି କାଲି ସମୟରେ ପୁରସ୍କାର ତ କିଣାଯାଏ। ବାସ୍ ଲୋକମାନଙ୍କର ପ୍ରଶଂସା ହିଁ ମୋ ପାଇଁ ପୁରସ୍କାର। ମୁଁ ଚାହେଁ କି ଯେ ପାଞ୍ଚଲକ୍ଷ ଲୋକ ନ ଶୁଣନ୍ତୁ ପଛେ ପାଞ୍ଚହଜାର ଲୋକ ଶୁଣନ୍ତୁ, ଆଉ ତାଙ୍କ ମନରୁ ଯୋଉ ଆତ୍ମସନ୍ତୁଷ୍ଟି ଖୁସି ବାହାରିଲା ତାଠୁ ବଡ଼ ପୁରସ୍କାର ମୋ ପାଇଁ କୋଉଟା ବି ନାହିଁ।

**ପ୍ରଶ୍ନ : ଆପଣ କାହାକୁ ନିଜର ଆଦର୍ଶ ବୋଲି ମାନନ୍ତି ?**

ଉତ୍ତର - ମୁଁ ମୋ ଆଦର୍ଶ ସବୁବେଳେ ସମାଜକୁ ମାନେ ଆଉ ସମାଜବାଦୀ ଚିନ୍ତାଧାରାକୁ ମାନେ, କାହିଁକି ନା ମୁଁ ସବୁବେଳେ ଯାହା ବି ଲେଖେ ସାଧାରଣ ଲୋକ ମାନଙ୍କର ଅନୁଭବ ଆଉ ଅନୁଭୂତି କି ନେଇ ଲେଖେ। ତା ବାଦ୍ ଯଦି ଲେଖାଲେଖିକୁ ଆସିବା ମୁଁ ହିନ୍ଦୀ ଉର୍ଦ୍ଦୁ ସାହିତ୍ୟ ପଢ଼ିବା ପାଇଁ ବହୁତ ପସନ୍ଦ କରେ ତ ସେଥିରେ ମୋର ଗୁଲଜାର, ଘାଲିବ୍, ଆଉ ରାହତ୍ ଇନ୍ଦୋରୀ ସାହାବଙ୍କ ଲେଖା ମୋର ପସନ୍ଦ ଏମାନଙ୍କୁ ମୋର ଆଦର୍ଶ ବୋଲି ମାନେ। ଓଡ଼ିଶାରେ ମୁଁ ଯାହାକୁ ଆଦର୍ଶ ବା ଯାହା ଦ୍ୱାରା ଅନୁପ୍ରାଣିତ ବୋଲି ମାନେ ସେ ହେଉଛନ୍ତି ଅକ୍ଷୟ ମହାନ୍ତି, ନିଜାମ୍ ସାର୍ ଆଉ ଏବେକା ସମୟରେ ବାପୁ ଗୋସ୍ୱାମୀ।



**ପ୍ରଶ୍ନ : ଗୀତ ବ୍ୟତୀତ ଆପଣ କେବେ ସାହିତ୍ୟ କ୍ଷେତ୍ରରେ ଅନ୍ୟକିଛି ଲେଖାଲେଖି କରିଛନ୍ତି କି ?**

ଉତ୍ତର - ଗୀତ, ସଂଳାପ ବ୍ୟତୀତ ଏମିତି ସ୍କୁଲ୍ କଲେଜରେ ବହୁତ କବିତା ସଂକଳନରେ କାମ କରିଛି। ଉତ୍କଳପ୍ରସଙ୍ଗ ଏବଂ ଅନ୍ୟାନ୍ୟ ବିଭିନ୍ନ ପତ୍ରପତ୍ରିକା ପାଇଁ ମଧ୍ୟ କାମ କରିଥିଲି। କବିତା, କ୍ଷୁଦ୍ରଗଳ୍ପ, ଆଉ ସ୍କୁଲ୍ କଲେଜର ଡ୍ରାମା ମଧ୍ୟ ଲେଖୁଥିଲି। ବ୍ୟକ୍ତିଗତ ଭାବେ ଅନେକ ନାଟ୍ୟାନୁଷ୍ଠାନ ସହ ବି ସଂଶ୍ଲିଷ୍ଟ। ଏତତ୍ ବ୍ୟତୀତ ଯଦି ବାହାରେ କିଛି ଲେଖାଲେଖି କରିବାର ମିଳେ ସେଥିପ୍ରତି ଇଚ୍ଛା ଅଛି। ବହୁତ ଦିନରୁ ଗୋଟେ ଉପନ୍ୟାସ ଲେଖିବାର ପ୍ଲାନିଂ ଅଛି, ଇଂଲିଶରେ ଗୋଟେ ନଭେଲ "ହାଓ ମଚ୍ ପେନ୍ ହାଓ ମଚ୍ ଗେନ୍' ସେଇଟା ଗୋଟେ କଣ୍ଟିନ୍ୟୁ ହେଇକି ଅଛି, ଆଗକୁ ବହୁତ ଜଲଦି ଆସିବାର ଅଛି।

**ପ୍ରଶ୍ନ : ଆପଣଙ୍କୁ ପଢାପଢି କରିବାକୁ ଭଲ ଲାଗେ କି ? ଆପଣଙ୍କ ପ୍ରିୟ ଲେଖକ କିଏ ? ଏବଂ କେଉଁ ବହି ଆପଣଙ୍କୁ କିଛି ପ୍ରେରଣା ଦେଇଛି କି ?**

ଉତ୍ତର - ନିଶ୍ଚିତ ଭାବରେ, ପଢ଼ାପଢ଼ି କରିବାକୁ ଭଲ ଲାଗିବନି କେମିତି ! ଯେହେତୁ ସାହିତ୍ୟକୁ ନେଇକି ମୋର ଜୀବନଜୀବିକା ତ ସେଥିପାଇଁ ସବୁବେଳେ ସାହିତ୍ୟର ଚର୍ଚ୍ଚା କରିବାକୁ ଭଲ ଲାଗେ, ବହୁତ ଥର ପଢ଼ାପଢ଼ି କରିବାକୁ ଭଲ ଲାଗେ। ମୋର ପ୍ରିୟ ଲେଖକ ଦୂର୍ଜ୍ଜୟ ଦତ୍ତ ତାଙ୍କର ନଭେଲ ଗୁଡ଼ାକ ମୁଁ ବହୁତ୍ ପଢ଼େ ଏବଂ ଓଡ଼ିଆ ସାହିତ୍ୟ ରେ ଫକୀରମୋହନ ସେନାପତିଙ୍କର 'ଛ ମାଣ ଆଠଗୁଣ୍ଠ' ଆଉ ପ୍ରତିଭା ରାୟ ଙ୍କ ଯାଜ୍ଞସେନୀ ଏ ସବୁ ମତେ ବହୁତ୍ ପ୍ରଭାବିତ କରିଛି ଆଉ ମଧ ମନୋଜ ଦାସ ଙ୍କ ବହୁତ୍ ସାରା ଲେଖାଲେଖି ମୁଁ ପଢିଛି କିନ୍ତୁ ଏବେକା ସମୟରେ ସମସାମୟିକ ଓଡ଼ିଶାରେ ଯେଉଁ ମାନେ ଅଛନ୍ତି ମାନସ ପଢିଆରୀଙ୍କ ଲେଖା ବହୁତ ଭଲ ଲାଗେ ଏବଂ ବିଭୂତି ପଟ୍ଟନାୟକଙ୍କ 'ପ୍ରେମିକା' ମଧ୍ୟ ମତେ ବହୁତ ପ୍ରଭାବିତ କରିଛି। ଏମିତି ବହୁତ୍ ସାରା ବହି ଅଛି ଯାହା ମତେ ପ୍ରେରଣା ଦେଇଛି କିଛି ଭଲ କରିବା ପାଇଁ ଯେଉଁଥିରେ କାଳ୍ପନିକ କମ୍ ବାସ୍ତବତା ବେଶୀ ଥାଏ।

**ପ୍ରଶ୍ନ : ବହୁତ ନୂଆ ପ୍ରତିଭା ଏ ଦିଗରେ ଆସି କିଛି ନୂଆ କରିବାକୁ ଚାହୁଁଛନ୍ତି, ସେମାନଙ୍କୁ ଆପଣ କଣ କହିବେ ?**

ଉତ୍ତର - ସେମାନଙ୍କୁ ମୁଁ ଏହି ଗୋଟେ ବାର୍ତ୍ତା ଦେବି ଯେ ଆଜିକାଲି ସମସ୍ତେ ଭାବୁଛନ୍ତି ଗୋଟେ ରାତି ଭିତରେ ସଫଳତା ମିଳିଯିବ କେମିତି? ସେଥିପାଇଁ କାମକୁ ଶସ୍ତା କରନ୍ତୁନି। ଭିଡ଼ ଭିତରେ କିଛି ଅଲଗା ହେବାକୁ ଚେଷ୍ଟା କରନ୍ତୁ ଆଉ ନିଜ ଭିତରେ ଯଦି ସତରେ ଟ୍ୟାଲେଣ୍ଟ ଅଛି ତେବେ ଆଜି ନହେଲେ କାଲି ହୀରା କୁ ଲୋକ ଖୋଜିକି ନେବେ। ସେଥିପାଇଁ ଆତ୍ମବିଶ୍ୱାସ ରଖନ୍ତୁ, ଏଠି ବହୁତ୍ ଲୋକ ଅଛନ୍ତି ତୁମ ଆତ୍ମବିଶ୍ୱାସ ଭାଙ୍ଗିବା ପାଇଁ ସେଥିପାଇଁ ନିଜ ଆତ୍ମବିଶ୍ୱାସକୁ ସୁଦୃଢ଼ କରନ୍ତୁ ଏବଂ ଚେଷ୍ଟା ଜାରିରଖନ୍ତୁ। କାହିଁକି ନା କିଏ ଜାଣେ ଯେ କେଉଁ ଚାବିରେ କେଉଁ ତାଲା ଖୋଲାଯାଇପାରେ। ସେଥିପାଇଁ ନିଜ କାମ ସହିତ କେବେ ସାଲିସ କରନ୍ତୁ ନାହିଁ, ଭଲ କାମ ଦିନେ ନା ଦିନେ ଲୋକ ଖୋଜିବେ। ଆପଣଙ୍କ ସମୟ ଆସିବ ଆଉ ଯେବେ ଆସିବ ଲମ୍ବା ସମୟ ପାଇଁ ଚାଲିବା।

**ପ୍ରଶ୍ନ : ଓଡ଼ିଆ ଭାଷା କିମ୍ବା ସଂସ୍କୃତି ପାଇଁ ଆମେ ସଙ୍ଗୀତ ମାଧ୍ୟମରେ କିଛି କାମ କରିପାରିବା କି ?**

ଉତ୍ତର - ନିଶ୍ଚିତ ଭାବରେ କରାଯାଇ ପାରିବ। ସମସ୍ତେ ସେହି ବିଷୟରେ ଚେଷ୍ଟା କରିବା ଦରକାର, ସେଇଟା ଆମ ସମସ୍ତଙ୍କର ଦାୟିତ୍ୱ ଏବଂ କର୍ତ୍ତବ୍ୟ ମଧ୍ୟ କିନ୍ତୁ ଦୁଃଖର ବିଷୟ ଯେ ବହୁତ୍ ଲୋକ ଆମ ସଂସ୍କୃତିକୁ ଛାଡି ପାଶ୍ଚାତ୍ୟ ଜିନିଷ ଉପରେ ବେଶୀ ଇଛା ପ୍ରକାଶ କରୁଛନ୍ତି ଦେଖନ୍ତୁ ରଙ୍ଗବତୀ ଆମର ଓଡ଼ିଶାର ସମ୍ବଲପୁରୀ ଲୋକଗୀତ ହେଲେ ମଧ୍ୟ ସେ ଆଜି ବିଶ୍ୱ ଦରବାରରେ ପ୍ରତିଷ୍ଠିତ କଣ ପାଇଁ କାରଣ ସେଥିରେ ତାକୁ ସେତିକି ପ୍ରମୋଟ୍ କରାଯାଇଛି, ତାଙ୍କର ସେହି ସମ୍ବଲପୁରୀ ଲୋକମାନଙ୍କର ଭାଷାପ୍ରୀତି ଅଛି। ବାକି ସମସ୍ତଙ୍କର ଯେମିତି ପଞ୍ଜାବୀ ଗୀତ, ତେଲୁଗୁ ଗୀତ ହେଲା ସମସ୍ତେ ତାଙ୍କ ଭାଷାକୁ ପ୍ରୋତ୍ସାହନ ଦିଅନ୍ତି। ଓଡ଼ିଶାରେ ସେଇଟା ଟିକେ କମ୍ ଦେଖିବାକୁ ମିଳେ କିନ୍ତୁ ମୋର ଆଶା ଏବଂ ବିଶ୍ୱାସ ଯେ ଆଗାମୀ ଦିନରେ ନୂଆ ପିଢୀ ଯେଉଁ ଆସୁଛନ୍ତି ସେମାନଙ୍କ ମଧ୍ୟରେ ବହୁତ୍ ଭାଷାପ୍ରୀତି ରହିଛି । ସେମାନେ ପୁଣି ଥରେ ଏକ ନୂଆ ଯୁଗର ଆରମ୍ଭ କରିବେ ପୁଣି ଥରେ ଓଡ଼ିଶାର ଭାଷାପ୍ରୀତି ବଢିବ ଆଉ ଆମେ ତାକୁ ଆମ ଗୀତ, କାହାଣୀ, ସିନେମା ମାଧ୍ୟମରେ ଲୋକଙ୍କ ପାଖରେ ପହଞ୍ଚାଇପାରିବା।

**ଏଇ ସାକ୍ଷାତକାର ପାଇଁ ନିଜର ସମୟ ଦେଇ ଥିବାରୁ ଶୁଭଦୃଷ୍ଟି ପରିବାର ତରଫରୁ ସତ୍ୟରଞ୍ଜନଙ୍କୁ ବହୁତ ଧନ୍ୟବାଦ ।**



# ପ୍ରାୟଶ୍ଚିତ

**ଦୀପକ ଷଡ଼ଙ୍ଗୀ**



ପୁଣି ବର୍ଷା ଆରମ୍ଭ ହୋଇ ଯାଇଛି । ବର୍ଷା ଯୋଗୁଁ ପାଗ ଟା ଥଣ୍ଡା ଲାଗୁଥାଏ । ସନାତନ ଦିନସାରା ବାହାରେ ବୁଲୁଥିଲା ବର୍ଷାରେ ବି ଖୁବ୍ ଭିଜିଛି ସେ । ଦିନସାରା ଖାଇବା କହିବାକୁ ଗଲେ ସକାଳେ ଗୋଟେ କପ୍ ଚା ଆଉ ଗୋଟେ ଛୋଟ ପ୍ୟାକେଟ୍ ବିସ୍କୁଟ୍ । ଖରାବେଳେ ସେ ଗୋଟେ ଦୁଇଟା ବିଡି ହିଁ ଟାଣିଥିଲା । ତା'ପର ଠାରୁ ପେଟରେ ଦାନ ମୁଠେ ବି ପଡିନି । ପକେଟ୍ ରେ ତା'ର ଆଉ ମାତ୍ର ଦଶଟି ଟଙ୍କା ପଡିଛି । ସେ ଚାହୁଁଛି ଏଇ ଦଶ ଟଙ୍କା କୁ ଆଉ ସେ ଖର୍ଚ୍ଚ କରିବନି ବୋଲି । କିନ୍ତୁ ଉପାୟ ବି କିଛି ନାହିଁ । ଏତେ ବଡ ରାତିରେ ଉପାସ ରେ କେମିତି ବା ରହିବ । ଯାହାହେଲେ ବି ଟିକେ ଖାଇବାକୁ ପଡିବ । ଭୁବନେଶ୍ୱର ସହରରେ ସନ୍ଧ୍ୟା ଉପନୀତ । ବର୍ଷା ଯଦିଓ ପୂରାପୂରି ଛାଡିନି ତଥାପି ମଝିରେ ମଝିରେ ରହି ଗୋଟେ ଗୋଟେ ଅସରା ଅଜାଡି ଦେଉଥାଏ । ଆଚାର୍ଯ୍ୟବିହାର ଛକରେ ସନ୍ଧ୍ୟା ସମୟରେ ଭୀଷଣ ଭିଡ । ଟ୍ରାଫିକ୍ ଆଲୁଅ କୁ ଦେଖି ସେ ରାସ୍ତା ପାର କରି ଏପଟକୁ ଆସିଲା । ରାସ୍ତାରେ ଏମିତି ଚାଲୁଥାଏ ସେ । ହଠାତ୍ ତା ପଛରୁ କିଛି ଗୋଟେ ଆସି ତାକୁ ଜୋର ରେ ଧକ୍କା ଦେଲା । ସନାତନ ହଡବଡେଇ ଯାଇ ରାସ୍ତା ଉପରେ ପଡିଗଲା । ଯଦିଓ ସେ ଖଣ୍ଡିଆ ଖାବରା କିଛି ହୋଇ ନଥିଲା ତଥାପି ହାତର କହୁଣି ଆଉ ଆଣ୍ଠୁରେ ଜୋରରେ ମାଡ ହୋଇଥିଲା । ତା'କୁ ଆସି ପଛରୁ ଉଠେଇ ଧରି ଲୋକଟି ପଚାରିଲା "କଣ ଭାଇ! ଜୋର ରେ ମାଡ ହେଲା କି? ରାସ୍ତାରେ ଚାଲିଲା ବେଳେ ଟିକେ ଦେଖି କି ଚାଲିବ ନା ଆଉ" । ସନାତନ ଜାଣି ପାରୁ ନ ଥିଲା ଯେ ତା'ର ଭୁଲ କେଉଁଠି ରହିଲା ବୋଲି । ସେ ତ ରାସ୍ତାର ବାଁ ପଟେ ହିଁ ଚାଲୁଥିଲା । ସନାତନ ପଛକୁ ଚାହିଁ ଦେଖିଲା ତାକୁ ଗୋଟେ ଓଲା କାର୍ ଧକ୍କା ଦେଇଛି ଓ ଯେଉଁ ଲୋକଟି ତାକୁ ଉଠେଇଲା ସେ ହିଁ ସେ କାର ର ଡ୍ରାଇଭର । ସନାତନ ତାକୁ କିଛି କହିବା ପୂର୍ବରୁ ଓଲା ର ଡ୍ରାଇଭର ତା ହାତ ଧରି କି ଆଣି ତାକୁ କାର ଭିତରେ ବସେଇ ଦେଲା ଓ କାର ଷ୍ଟାର୍ଟ କରି ଚଳେଇବା ଆରମ୍ଭ କଲା । ସେ କିଛି ବୁଝି ପାରୁ ନ ଥାଏ ଯେ ତା ସହିତ କଣ ହଉଛି ବୋଲି । କାର ଭିତରେ ଡ୍ରାଇଭର ତାକୁ ପଚାରିଲା "କୁଆଡେ ଯିବ ତୁମେ କୁହ? ତୁମକୁ ନେଇ ଛାଡି ଦେଇ ଆସିବି"? ସନାତନ କିଛି କହିଲାନି ମୁଣ୍ଡ ତଳକୁ କରି ବସି ରହିଲା । ଡ୍ରାଇଭର ପୁଣି ତାକୁ ସେଇ ପ୍ରଶ୍ନ ପଚାରିଲା । ସନାତନ କହିଲା "ମୁଁ ଖଣ୍ଡଗିରି ଯିବି" । ଡ୍ରାଇଭର ଆଉ ବେଶୀ କିଛି ନ ପଚାରି ତା ନିଜ ସାର୍ଟ ପକେଟ୍ ରୁ ଗୋଟେ ସିଗାରେଟ୍ ବାହାର କରି ନିଆଁ ଧରେଇଲା । ପ୍ୟାକେଟ୍ ସନାତନ ଆଡକୁ ଦେଖେଇ କି କହିଲା "ସିଗାରେଟ୍?" ସନାତନ କହିଲା "ମୁଁ ସିଗାରେଟ୍ ଟାଣେ ଯେ କିନ୍ତୁ ଏବେ ଟାଣିଲେ ମୋର ବାନ୍ତି ହୋଇଯିବ । ଡ୍ରାଇଭର ତା ଆଡକୁ ଚାହିଁ ହସି କି ପଚାରିଲା "କାହିଁକି ବାନ୍ତି ହେବ"? ସନାତନ କହିଲା "ଆଜି ଦିନ ସାରା ମୁଁ କିଛି ବି ଖାଇନି । ଖାଲି ପେଟରେ ସିଗାରେଟ୍ ଟାଣିଲେ ମୋର ବାନ୍ତି ହୁଏ" । ଡ୍ରାଇଭର ସିଗାରେଟ ଟାଣୁଟାଣୁ ପଚାରିଲା "କଣ କର ତୁମେ? ଚାକିରି କରିଛ କେଉଁଠି? । ସନାତନ କହିଲା ହାଁ! "ମୁଁ ଗୋଟେ ବ୍ୟାଙ୍କ ରେ ଅଛି" । ଏଥର ସନାତନ ଟିକେ ରାଗିଯାଇ କହିଲା "ତୁମେ ଏ ସବୁ କଥା ମୋତେ କାହିଁକି ପଚାରୁଛ"? ଡ୍ରାଇଭର କହିଲା "ନା ନା ସେମିତି କିଛି ନାହିଁ କଥାବାର୍ତ୍ତା ହେଲେ ଟିକେ ଟାଇମପାସ୍ ହେଇ ଯିବ ବୋଲି ମୁଁ ଏମିତି ପଚାରୁଥିଲି" । ସନାତନ କହିଲା "ମୋତେ ଏଇଠି ଛାଡି ଦିଅ ମୁଁ ପଳେଇବି" । ଡ୍ରାଇଭର କହିଲା "ମୋତେ ଜୋରରେ ଭୋକ ଲାଗିଲାଣି । ଚାଲ କିଛି ଗୋଟେ ଖିଆପିଆ କରି ନେବା ତା'ପରେ ମୁଁ ତୁମକୁ ନେଇ ଖଣ୍ଡଗିରି ଛକରେ ଛାଡି ଦେଇ ଆସିବି" । ଏତିକି କହି ସେ ଗାଡି କୁ ଗୋଟେ ଅନ୍ଧାରିଆ ରାସ୍ତା ଆଡେ ମୁହାଁଇଦେଲା । କିଛି ସମୟ ଯିବା ପରେ ଗାଡି ଆସି

ଗୋଟେ ଅଣ ଓସରିଆ ଗଳି ପାଖରେ ଅଟକିଲା । ସନାତନ ତାକୁ ପଚାରିଲା "ମୋତେ ଏଠିକି କେଉଁଠିକି ଆଣିଲ । ଏଠି ତ ହୋଟେଲ କି ରେଷ୍ଟୁରାଣ୍ଟ କିଛି ଦେଖା ଯାଉନି?" । ଡ୍ରାଇଭର ଅଳ୍ପ ହସି କହିଲା "ତୁମେ ଆସ ମୋ ସହିତ" । ଏତିକି କହି ସେ ସନାତନ କୁ ଗୋଟେ ଅନ୍ଧରିଆ ବାଟେ ନେଇ ବସ୍ତି ଭିତରକୁ ଗଲା । ଦୁଇଜଣ ଗୋଟେ କୁଡିଆ ଘର ପାଖରେ ପହଞ୍ଚିଲେ । କୁକୁର ଗୁଡାକ ଜୋରରେ ଭୁକୁଥାଅନ୍ତି କେମିତି ଗୋଟେ ଅଦ୍ଭୁତ ଶବ୍ଦକରି । ସନାତନ କୁ ସେଗୁଡା ସବୁ ଟିକେ କେମିତି ଅସ୍ୱସ୍ତିକର ଲାଗୁଥାଏ । ଡ୍ରାଇଭର ତା ପ୍ୟାଣ୍ଟ ପକେଟ୍ ରୁ ଚାବି ବାହାର କରି କବାଟ ଖୋଲିଲା ଓ ଭିତରକୁ ଗଲା । ସନାତନ ସେମିତି ବାହାରେ ଛିଡା ହୋଇଥାଏ । ଡ୍ରାଇଭର ତାକୁ ହସି କି ଡାକିଲା "ଆରେ ଆସ ଭିତରକୁ । ଡରିବାର କିଛି ନାହିଁ । ମୋ ଘରେ ସବୁ ପ୍ରକାର ସ୍ୱାଦିଷ୍ଟ ଖାଇବା ହିଁ ତୁମ କୁ ମିଳିବ" । ନିଜର ପରିଚୟ ଦେବାକୁ ଯାଇ ଡ୍ରାଇଭର କହିଲା "ମୋ ନା ସତୀଶ ମିଶ୍ର । ଏଇ ଦେଖୁନ ମୋ ଆଇକାର୍ଡ ରେ ମୋ ନା ଲେଖା ଅଛି" । ସେସବୁ କୁ ଦେଖିବାରେ ଏତେ ଆଗ୍ରହ ଦେଖେଇଲାନି ସନାତନ । ସତୀଶ ଭିତରକୁ ଗଲା । ସନାତନ ଦେଖିଲା ଯେ ଘର ଭିତରେ ସତୀଶ ବ୍ୟତୀତ ଆଉ ବୋଧେ କେହି ରହୁ ନାହାଁନ୍ତି । ଜିନିଷପତ୍ର ସବୁ ଅସ୍ତବ୍ୟସ୍ତ ହୋଇ ପଡିଥାଏ । ଘର ର ମଝିରେ ଗୋଟେ ଖାଇବା ଟେବୁଲ ପଡିଥାଏ । ସତୀଶ କହିଲା "ମୁଁ ଖାଇବା ଗରମ କରି ନେଇ ଆସୁଛି ମିଶିକି ଖାଇବା" । ସନାତନ ମନରେ ଅଜସ୍ର ପ୍ରଶ୍ନ ସବୁ ଉଙ୍କି ମାରୁଥାଏ । ଏ ଭିତରେ ସତୀଶ ଖାଇବା ଗରମ କରି କି ନେଇ କି ଆସିଲା ସେ ସନାତନ କୁ କହିଲା "ଯାଅ ଭିତରେ ହାତ ମୁହଁ ଧୋଇଆସ" । ସନାତନ ଭିତରକୁ ଗଲା ହାତ ମୁହଁ ଧୋଇ କି ଟେବୁଲ ପାଖ କୁ ଆସିଲା । ତାକୁ ବହୁତ ଜୋରରେ ଭୋକ ଲାଗୁଥିଲା ଦିନସାରା ସେ କିଛି ଖାଇ ନ ଥିଲା । ଦେଖିଲା ଟେବୁଲ ଉପରେ ଭାତ, ଡାଲି ମାଛ ତରକାରୀ ଆଦି ଖାଦ୍ୟ ତା ପାଇଁ ପରଷା ହୋଇଛି । ସେ ଆଉ ବେଶୀ କିଛି ନ ଭାବି ଖାଇବା ଉପରକୁ ଝପଟି ପଡିଲା ଭଳି ହେଲା ଏବଂ କେଉଁଆଡକୁ ମନ ନ ଦେଇ ଖାଇବାରେ ଲାଗିଲା । ସତୀଶ ସବୁ ଦେଖୁ ଥାଏ । ଥାଳିରେ ପରଷା ଯାଇଥିବା ଭାତର ଅଧାରୁ ଅଧିକ ଖାଇ ସାରିବା ପରେ ସନାତନ କୁ ଟିକେ ଆଶ୍ୱସ୍ତି ମିଳିବାର ଦେଖି ତା'କୁ ସତୀଶ ପଚାରିଲା "ତୁମେ ଖଣ୍ଡଗିରି ର କେଉଁଠି ରୁହ"? ସନାତନ କହିଲା "ଗୋଟେ ବସ୍ତି ଭିତରେ ଗୋଟେ ଛୋଟ ଭଡା ଘର ନେଇ " । ସତୀଶ ଆଶ୍ଚର୍ଯ୍ୟ ହୋଇ କି ପଚାରିଲା "ତୁମେ ବ୍ୟାଙ୍କରେ ଚାକିରି କରି ପୁଣି ବସ୍ତି ରେ କାହିଁକି ରହୁଛ"? ସନାତନ ଟିକେ ଅସ୍ତବ୍ୟସ୍ତ ହୋଇ କହିଲା "ତୁମର ଏ ସବୁ ଜିନିଷ ଜାଣିବା କଣ ଦରକାର"?

ବାହାରେ ପୁଣି ଜୋରରେ ବର୍ଷା ଆରମ୍ଭ ହୋଇ ଯାଇଥିଲା । ଏଥର ପବନ ହେବା ସହ ମଝିରେ ମଝିରେ ଘଡଘଡି ବି ମାରୁଥାଏ । ସତୀଶ ଝରକା ଗୁଡାକ ବନ୍ଦ କରି ଦେଇ ଆସି କହିଲା "ଆଜି ରାତିରେ ଜଦି ବର୍ଷା ନ ଛାଡେ ତୁମେ ଏଇଠି ମୋ ଘରେ ରାତିରେ ରହିଯାଅ । ମୁଁ କାଲି ସକାଳେ ନେଇ ତୁମକୁ ଛାଡି ଦେଇ ଆସିବି । କିଛି ଅସୁବିଧା ହେବନି ଏଠି ତୁମର" । ସତୀଶ ତା'କୁ ଟିକେ ସହଜ କରିବାକୁ ଚେଷ୍ଟା କରୁଥିଲା । ସନାତନ କହିଲା "ନାଇଁ ଥାଉ ମୋତେ ବର୍ଷା ଛାଡିଲେ ନେଇ ମୋ ଘରେ ଛାଡି ଦେଇ ଆସନ୍ତୁ" । ଦୁହେଁ ପୁଣି ଖାଇବାରେ ମନ ଦେଲେ । ସନାତନ ର ତଣ୍ଟି ରେ ବୋଧେ ଲାଗିଲା । ସେ ଟିକେ କାଶି ଉଠିଲା । ସତୀଶ ଉଠିଯାଇ ତାକୁ ଗୋଟେ ଗ୍ଲାସ ରେ ପାଣି ନେଇ କି ପିଇବାକୁ ଦେଲା । ତା'ପରେ ସନାତନ କହି ଉଠିଲା "ମୁଁ ଯେଉଁ ବ୍ୟାଙ୍କ ରେ କାମ କରୁଥିଲି ଦିନେ ଖରାବେଳେ ବ୍ୟାଙ୍କରେ ଡକାୟତି ହେଲା । ସେତେବେଳେ ମୁଁ ବ୍ୟାଙ୍କରେ ନ ଥିଲି । କିଛି ଗୋଟେ କାମରେ ବାହାରକୁ ଯାଇଥିଲି । ଆସିଲାବେଳକୁ ଦେଖିଲି ଯେ ହାତରେ କଣ ଗୋଟେ ଧରିକି ତିନିଚାରି ଜଣ ଲୋକ ବ୍ୟାଙ୍କରୁ ବାହାରିଗଲେ । ମୁଁ ଟିକେ ବେଶୀ ଧ୍ୟାନ ଦେଲିନି । ଭାବିଲି ବୋଧ ହୁଏ କିଛି ଗ୍ରାହକ ହୋଇଥିବେ । କିନ୍ତୁ ସେମାନେ ଯେତେବେଳେ ମୋତେ ଦେଖି ଦୌଡିବାକୁ ଲାଗିଲେ ମୁଁ ଦେଖିଲି ଜଣଙ୍କ ହାତରେ ଗୋଟେ ପିସ୍ତଲ ଥାଏ । ମୁଁ ତାକୁ ଧରିବାକୁ ଯାଆନ୍ତେ ସେ ମୋତେ ଗୋଟେ ଧକ୍କା ଦେଇ ଦଉଡି ଯାଇ ମୋଟରସାଇକେଲ ଧରି କୁଆଡେ ଉଭାନ ହୋଇଗଲେ । ବ୍ୟାଙ୍କ ଭିତରକୁ ଯାଇ ଦେଖେ ତ ସମସ୍ତେ ଭୟ ରେ ଥରୁଥାଆନ୍ତି । ପୋଲିସକୁ ଫୋନ୍ କରା ହୋଇ ସରିଥାଏ । କିଛି ସମୟ ଭିତରେ ହେଡ୍ ବ୍ରାଞ୍ଚ୍ ର ଅଧିକାରୀ ଓ ପୋଲିସ ସମସ୍ତେ ଆସି ପହଞ୍ଚିଗଲେ । ସମସ୍ତଙ୍କୁ ପଚରାପଚାରି ଚାଲିଥାଏ । ଯେହେତୁ ଡକାୟତି ସମୟରେ ମୁଁ ବ୍ୟାଙ୍କରେ ନ ଥିଲି ସମସ୍ତଙ୍କ ସନ୍ଦେହ ମୋ ଉପରେ ଘନାଉଥାଏ । ସମସ୍ତେ ଭବୁଥାଆନ୍ତି ଯେ ମୁଁ କୁଆଡେ ଡକାୟତି ସହ ସମ୍ପୃକ୍ତ ଅଛି ବୋଲି । ଏମିତି କିଛିଦିନ ଚାଲିଲା ଡକାୟତ ମାନଙ୍କର କୌଣସି ଖୋଜଖବର ନଥାଏ" ।

ଏ ଭିତରେ ସତୀଶ ଖାଇବା ସାରି ଟେବୁଲ ଉପରୁ ଉଠି ହାତ ଧୋଇବାକୁ ଗଲା । ମୋତିଲାଲ ବି ଖାଇ ସାରି ହାତ ଧୋଇ ଆସି ପୁଣି ଆସି ସେଇ ଟେବୁଲ ପାଖରେ ଥିବା ଚେୟାର୍ ଉପରେ ବସିଲା । ସତୀଶ ପଚାରିଲା "ତା'ପରେ କଣ ହେଲା"? ସନାତନ ଗପି ଚାଲିଲା "ମୋତେ ପୋଲିସ ସନ୍ଦେହ କରି ସବୁବେଳେ ଥାନା କୁ ଡକେଇ ୟାଡୁସ୍ୟାଡୁ ପୁଳାଏ ପଚାରୁ ଥିଲା । ଦିନେ ମୁଁ ଅତିଷ୍ଠ ହେଇ ମ୍ୟାନେଜର ସହିତ ଝଗଡା କଲି । ତା ସହିତ ମୋର କଥା ହାତାହାତି ପର୍ଯ୍ୟନ୍ତ ଗଲା । ମୋତେ ଚାକିରି ରୁ ବାହାର କରି ଦିଆଗଲା । ବ୍ୟାଙ୍କ ର କ୍ୱାଟର୍ ବି ସେମାନେ ମୋ ଠାରୁ ନେଇଗଲେ କୁଆଡେ ଆଉ ଯିବି ବୋଲି ଭାବି ଆସି ଖଣ୍ଡଗିରି ଗୋଟେ ବସ୍ତିରେ ଆଶ୍ରୟ ନେଇଛି" । ଏତିକି କହି ସାରିବା ପରେ ସନାତନ କାନ୍ଦି ପକେଇଲା । ସତୀଶ ତାକୁ ଅଶ୍ୱାସନା ଦେବାକୁ ଯାଇ କହିଲା "ତୁମେ ନିର୍ଦ୍ଦୋଷ ରେ ଦଣ୍ଡ ପାଇଲ ଆମମାନଙ୍କ ପାଇଁ" । ସନାତନ ଚମକି ପଡିଲା ସେ ସତୀଶ କୁ ପଚାରିଲା "ତୁମମାନଙ୍କ ପାଇଁ ମାନେ"? ସତୀଶ ସନାତନ କୁ ଡାକିନେଇ ସେପଟ ଘରକୁ ଗଲା କହିଲା "ଦେଖ ସେ ଆଇନାରେ କିଏ ଅଛି"? ସନାତନ ଆଇନା ରେ ଯାହା ଦେଖିଲା ତାକୁ ଦେଖି ସାରିବା ପରେ ତା ଦେହରୁ ପରସ୍ତେ ଝାଳ ବାହାରିଗଲା । ଭୟରେ ଠକଠକ ହୋଇ ସେ ଥରିଲା । ସେ ଦେଖିଲା ଯେ ଆଇନାରେ ସତୀଶ ର ଚେହେରା ହିଁ ଦେଖାଯାଉନି । ପଛକୁ ଅନେଇଲା ବେଳକୁ କେହି କୁଆଡେ ନାହାଁନ୍ତି । ସେ ଘରେ ହଠାତ ଲାଇନ ବି କଟିଗଲା । ପୁରା ଅନ୍ଧକାର ଘର ଭିତରେ ସନାତନ ଏକା ଛିଡା ହୋଇଥାଏ । ଶୂନ୍ୟରୁ ସତୀଶ କହିଲା "ସନାତନ! ମୁଁ ଜାଣିଛି ତୁ ନିର୍ଦ୍ଦୋଷ କିନ୍ତୁ ଆମର କୃତକର୍ମ ପାଇଁ ତୁ ଦଣ୍ଡ ଭୋଗିଲୁ । ଆଜକୁ ପ୍ରାୟ ପନ୍ଦର ଦିନ ତଳେ ଆମେ ଆଉ ଗୋଟେ ବ୍ୟାଙ୍କରେ ଡକାୟତି କରୁଥିଲୁ । ଠିକ ସେତିକିବେଳକୁ କିଏ ଜଣେ ପୋଲିସକୁ ଡାକିଦେଲା । ଆମ ଗ୍ୟାଙ୍ଗ୍ ର ସମସ୍ତେ ଖସି ପଳେଇଲା ବେଳକୁ ପୋଲିସ ଗୁଳିକଲା ।

ଦୁଇଟି ଗୁଳି ମୋ ପିଠି ରେ ଆସି ବାଜିଲା ମୁଁ ସେଇଠି ହିଁ ଟଳି ପଡିଲି । ସେ ଯେଉଁ ପିସ୍ତଲ ଧରିଥିବା ଲୋକକୁ ତୁ ସେ ଦିନ ଦେଖିଥିଲୁ ସେ ଆଉ କେହି ନୁହେଁ ସେ ମୁଁ ହିଁ ଥିଲି । ଆଉ ମୁଁ ତତେ ଠିକ ଦେଖି ପାରିଥିଲି । ତତେ ପୁଲିସ ଏବେ ବି ଖୋଜୁଛି । ତୁ ଯୋଉଠି ବସି ଖାଉଥିଲୁ ସେଇ ଟେବୁଲ ତଳେ ହାତ ମାରି କି ଦେଖ ଗୋଟେ ଚାବି ଅଠାରେ ମରା ହୋଇଥିବ । ସେ ଚାବି କି ଆଣ ଏଇ ଘର ର ତାଜା ଉପରେ ଦେଖ ଗୋଟେ ଟ୍ରଙ୍କ୍ ରଖା ହୋଇଛି । ଏ ଚାବି ହେଉଛି ସେଇ ଟ୍ରଙ୍କ୍ ର ତୁ ଯା ସେଇ ଟ୍ରଙ୍କ୍ ଖୋଲ" । ସନାତନ ର ପକେଟରେ ଦିଆସିଲି ଥିଲା । ତାକୁ ମାରିମାରି ସେ ସତୀଶ କହିଥିବା ସବୁ କାମ କଲା । ଟ୍ରଙ୍କ ଖୋଲି ଦେଖିଲା ବେଳକୁ ତା ଭିତରେ ବିଡାବିଡା ଟଙ୍କା । ସତୀଶ କହି ଉଠିଲା "ତୁ ଏ ଟଙ୍କାକୁ ନେ ଆଉ ଯେତେ ଶୀଘ୍ର ପାରୁଛୁ ଏଠୁ ପଳା" । ଏତିକି କହି ସାରିବା ପରେ ହଠାତ୍ ଜୋରରେ ପବନ ହେଲା । ବନ୍ଦ ହୋଇଥିବା ଝରକା କବାଟ ଗୁଡାକ ସବୁ ଖୋଲି ହୋଇଗଲା ଆଉ ବର୍ଷା ପାଣିଛିଟା ପଶି ଆସି ସେ ଟଙ୍କା ଥିବା ଟ୍ରଙ୍କ୍ କୁ ପୁରା ଓଦା କରି ସାରିଥିଲା ।

**ସହକାରୀ ଅଧ୍ୟାପକ**

**ରୋଲାଣ୍ଡ ଫାର୍ମାସୀ ମହାବିଦ୍ୟାଳୟ**

**ଖୋଡାସିଙ୍ଗୀ,ବ୍ରହ୍ମପୁର-୧୦**



# ଶତାବ୍ଦୀର ଅପମୃତ୍ୟୁ ପରେ

ହିମାଂଶୁ ଭୂଷଣ ସାହୁ



ଶତପ୍ରାଣେ ଚେଷ୍ଟାକରି ଯୁବକଟି ଯେତେବେଳେ ସେ ମଇଳା ଓ କଦର୍ଯ୍ୟ ଲକ୍ଷ-ଚଡକା,ଧୃମା ଆଲୋକ ଥିବା କାଚଟିରେ ଦେଖିଲା ତା 'ରୋମା' ର ନାଁ , ସେ ଭାଙ୍ଗିପଡ଼ିଲା । ତା ସୁପର ହାଇଜେନିକ୍ ମାସ୍କ ଭିତରେ ଶୁଣାଯାଉଥିଲା ଅବିଶ୍ରାନ୍ତ କ୍ରନ୍ଦନ, ଧୀରେ ଓ ରହିରହି । ତା ଶରୀରକୁ ସିଲ୍ କରିଥିବା କୋଟ୍ ଓ ତା ମଇଳା ଜୋତାରୁ ଜାଣିହେଉଥାଏ ସେ ହୁଏତ କେଉଁ ଗାଁ ,ପାହାଡ଼ କିମ୍ବା ତା ଆଖପାଖ ବଙ୍କର ରୁ ଆସିଥିବ ।

କାହାର କ'ଣ ଯାଏ ଆସେ ଯେ ! ଏପରି ତ କିଛି ଲୋକ ବଞ୍ଚିଛନ୍ତି । ସରକାରଙ୍କ ଜମାନବନ୍ଦୀ ହୋଇ , ଯାହାଙ୍କ ଜୋତାରେ କଞ୍ଚା ଗୋବର ର ଗନ୍ଧ କିମ୍ବା ଅଧାମଲା ଘାସର ସବୁଜିମା ଦେଖିହୁଏ । କେଇଜଣ ଶିଳ୍ପପତିଙ୍କ ଚାଟୁକାର ସେ ଯୁବକଟିକୁ ଘେରିଯାଇ ତା ଠିକଣା ପଚାରିବାରେ କ୍ଷଣଭର ବି ହେଳା କରିନଥିଲେ । ସେମାନେ ଜାଣିସାରିଥିଲେ ଯୁବକଟି ସରକାରଙ୍କ ଜାଗିରି ନୁହେଁ ।

ତା କୋହକୁ, ବିରକ୍ତି ଓ ଶିଳ୍ପପତି ଗୁଡାଙ୍କ ପ୍ରତି ଘୃଣା ବଢିଗଲା । ସେ ଆହୁରି ଜୋର୍ ରେ ପ୍ରଶ୍ୱାସ ନେବାକୁ ଚେଷ୍ଟାକଲା ତା କୋଟ୍ ରେ ଖଞ୍ଜାଯାଇଥିବା ଅକ୍ସୀଜେନ ନଳିବାଟେ । ଯଦ୍ୱାରା ମୁହଁରୁ ବେକପର୍ଯ୍ୟନ୍ତ ଥିବା ବାୟୁତକ ଟାଣିହୋଇ ତା କଳିଜା ପର୍ଯ୍ୟନ୍ତ ଚକଟି ଚାଲିଲା ଅନବରତ । ତା ପାଦ ଥରିଉଥିଲା, ଏବଂ ଆଖି ! ସେ ଦୁଇଟି ତ ଆଗରୁ ରୁଗ୍ଣ , ମଳିନ ଓ ଲାଲ ଥିଲେ , ବାସ୍ ଜଳିଉଠିଲେ । ସ୍ୱକମ୍ପ ଜର୍ଜରିତ ହୋଇ ସେ ଇଚ୍ଛାକଲା ମୁଖଟା ଖୋଲି ଘୃଣାର ଚରମ ଉତ୍ତର ସଦୃଶ ତା ଶୁଖିଲା ଗଳା ଖିଙ୍କାରୀ ଲେଣ୍ଡାଏ ଛାପ ପକେଇଦେବାକୁ । କିନ୍ତୁ ହାୟ ! ଦୀର୍ଘ ବର୍ଷ ହେଲା ସେ ଭୁଲିଯାଇଛି ଘର ଭିତର ବ୍ୟତୀତ ନିଜର ଚେହେରା କିମ୍ବା 'ରୋମା'ର ସେ ଲିପ୍ସଟିକ୍ ର ରଙ୍ଗ ଦେଖିବାକୁ ।

ସାଇରନ ବାଜୀଉଠିଛି, କେତୋଟି ଉଡ଼ନ୍ତା ରୋବର୍ଟ ପହଞ୍ଚିଥିଯାଇଛନ୍ତି , ସବୁ ଠିକ୍ । ପୂର୍ବ ପରି ସେ ଏକା ଠିଆ ହୋଇଗଲା ଯେଉଁଠି ଲେଖାଥିଲା "ଯଦି ମରିବାକୁ ଇଚ୍ଛୁକ,ତେବେ ସମ୍ପର୍କ କରନ୍ତୁ"।

ଛିଃ ! ପ୍ରଥମଥର ପାଇଁ ସେ 'ରୋମା'କୁ ଘୃଣା କଲା ।

ସନ୍ଧ୍ୟାସନ୍ନ । ଦିନ/ବାର ଇତ୍ୟାଦିକୁ ଖାତିର ନ କରି ସେ ଜାଣିବାକୁ ପ୍ରୟାସ କଲା ପଶ୍ଚିମର କିଞ୍ଚିତ ସୂର୍ଯ୍ୟଲେଖା ରଶ୍ମି । କିମ୍ବା , ହୁଏତ ଏ ଭଗ୍ନ ବିଚ୍ଛିନ୍ନ ସହରରୁ ଦେଖାଯାଇପାରେ ସେ ଫିକା ଲାଲ୍ ଜହ୍ନ । ଏତକ ଭାବି ଯୁବକଟି ଜାଣିବାକୁ ଚେଷ୍ଟାକଲା ତା ଗେଜେଟ୍ ରୁ ପ୍ରଦୂଷଣର ମାତ୍ରା , ଏବଂ ସ୍ଥାନ ପରିବର୍ତ୍ତନ ନ କରି ଭାବିଲା "ରୋମା କଣ ସତରେ....? ନା..ନା , ସେ ତ ସାହସୀ ଥିଲା, ତା ଅପମୃତ୍ୟୁ ପାଇଁ ଏ ଗେଜେଟ୍ କିମ୍ବା ସେ ଶିଳ୍ପପତି ଙ୍କ ଶୁ-ଚିନ୍ତକ କେତୋଟି ହୋଇଥିବେ"।

ଦୁଃଖରେ ମ୍ରିୟମାଣ ହୋଇପଡିଥିବାରୁ ତା ଲୋତକଧାର ମାସ୍କ ର ଉପରିଭାଗରୁ ଭିଜାଇ ଗଳାର ନିମ୍ନ ବାହ୍ୟଅଂଶ ରେ ଥପ୍ ଥପ୍ ଗଳିବାରେ ଲାଗିଲେ । କୋଟ୍ ଟି ନ ଥିଲେ ହୁଏତ ସେ ଅଶ୍ରୁର ଶୀତଳତା ରେ ଅନୁଭବ କରିପାରିଥାଆନ୍ତା ଗ୍ରୀଷ୍ମ ପ୍ରବାର ର ବର୍ବରତାକୁ ଚିରି କିପରି ମଳୟ ପବନ ସୃଷ୍ଟି ହେଉଛି , ତା ଲୁହ ଓ ଚର୍ମର ସଂଘର୍ଷରେ । କିମ୍ବା ଶୀତରତୁ ହୋଇଥିଲେ ତା ରକ୍ତରୁ ନିର୍ଗତ, ସେ ଉଷୁମ ଅଶ୍ରୁର କ୍ରନ୍ଦନରେ ତା ଚିବୁକରେ ଜମାଟ କିଛି କାକର ବିନ୍ଦୁସଦୃଶ ବରଫ କୁ ତରଳାଇ ଅନୁଭବ କରାଇଥାନ୍ତେ 'ରୋମା' ଖୋଲାଦେହର ଯୌବନତା ଝଡ଼ ।

ଯେହେତୁ ସେ ଅନ୍ଧାରକୁ ଦେଖିପାରିଲା,କାଳବିଳମ୍ବ ନ

କରି ଖୋଲିଦେଲା ତା କୋଟ୍'ର ଉପରିଭାଗ ଓ ମାସ୍କ ଏବଂ ଟାଣିନେଲା ପୁଳିଏ ଧୂଳି,ପ୍ରଦୂଷଣ, ବିଷାକ୍ତମିଶ୍ରିତ ମଳା ପବନଗୁଡ଼ିକୁ । କିଛି ହାଲ୍କା ପବନ ର ଉଷ୍ମ ପାଲଟିଗଲା ଆତ୍ମସନ୍ତୁଷ୍ଟିର ଶୀତଳତା,ତା ଭେରେଡା ଆଗ ଦୁଇଦାନ୍ତ ଦେଇ ଗଲାବେଳେ ଗଳା ଭିତରକୁ । ଏବଂ ଓଠ ଓ ଚିବୁକର କିଛି ଅଂଶ ଜଳିଗଲାଭଳି ସେ ଅନୁଭବ ବି କରୁଥାଏ । ହଠାତ୍ ଆଖି ଭିତର ପତା ଜଳିଉଠିଲା ପ୍ରଦୂଷଣ ର ପ୍ରକୋପରେ ଏବଂ ଠିକ୍ ସେତିକିବେଳ ସାଇରନଟିଏ ମୁଣ୍ଡେଇ ଉଡ଼ନ୍ତା ରୋବର୍ଟ ତତ୍କ୍ଷଣାତ୍ ଧରେଇଦେଲା ଦୁଇଲକ୍ଷ ଟଙ୍କାର ସାମାନ୍ୟ ଏକ ମେସେଜ୍ ତା ଗେଜେଟ୍ ଇନବକ୍ସ କୁ । ତଥାପି ଯୁବକଟିର କ୍ଷୋଭ ନ ଥାଏ । ମାସ୍କ ଓ କୋଟ୍ ସଜାଡ଼ିଲା ବେଳେ ତା କ୍ଷୀଣ ସ୍ୱରରେ ଉଚ୍ଚାରଣ କଲା "ରୋମା ! ମାଇଁ ଲଭ୍ , ତୁମ ସ୍ପର୍ଶର ଏଇତକ ପବନ ତ ମୋ ନିଜର ଥିଲା ନା ?"।

ଯୁବକଟି ଆହୁରି ଭାଙ୍ଗିପଡ଼ିଲା । କ୍ରନ୍ଦନରତ ପ୍ରକମ୍ପିତ ଶରୀରେ ଦୁଇଗୋଡ଼କୁ ପିଟିଚାଲିଲା ସେ ବଡ଼ ଡିସ୍ପ୍ଲେ ବୋର୍ଡ ତଳେ ଗଦା ଥିବା ଲୌହମିଶ୍ରିତ କିଛି ମାଟିକୁ । ସେତେବେଳେ କେହିଜଣଙ୍କ କରସ୍ପର୍ଷ ପାଇ ସେ ଥମିଗଲା କିଛିକ୍ଷଣ । ଠିକ୍ ତା 'ରୋମା' ଭଳି ଶୀତଳତା ର ସ୍ପର୍ଷ ! କିନ୍ତୁ ସେଥିଲେ ଜଣେ ବୃଦ୍ଧ ଏବଂ ରୋଗୀଣା,

ସମସ୍ତଙ୍କ ଭଳି ଅଭିଶପ୍ତ ଚେହେରା । ପ୍ରୋଟେକ୍ସନ କୋଟ୍ ଭିତରେ ଏକ ଶଜ ଶତବର୍ଷର ମମ୍ମି ଭଳି ଲୋଚାକୋଚା ଚର୍ମ ବିଶିଷ୍ଟ ଜୀବନ୍ତ ଶବ ।

"ତୁମେ...ହଁ ତୁମେ, ତୁମେ କଣ ସେ ଦାର୍ଶନିକ ? ସାର୍ .... ? "

ଯୁବକଟିର ଏ ପ୍ରଶ୍ନରେ ବୃଦ୍ଧ ତାଙ୍କ ହାତ ଓହରାଇ ସେ ଇଚ୍ଛାମୃତ୍ୟୁ ର ଫଳକ ଆଡ଼କୁ ଇଙ୍ଗିତ କରି କହିଲେ "କେବଳ ମୃତ୍ୟୁର ବାର୍ତ୍ତା ଦେଉଥିବା ଅର୍ଦ୍ଧମୃତ ଜୀବ କ'ଣ ଦାର୍ଶନିକ ହୋଇପାରେ ? ତେବେ ଦର୍ଶନ ଶାସ୍ତ୍ରର ଆଉ ଥରେ ମୃତ୍ୟୁ ଆବଶ୍ୟକ"।

ପୁଣି ଏକ ସାଇରନ ପ୍ରକମ୍ପିତକରି ଭେଦିଗଲା ତାଙ୍କ ପଛଅନ୍ଧାର ଗଳି ଭିତରକୁ । କେବଳ ଏ ପ୍ରତିଡୀତ ମନୁଷ୍ୟ ଜୀବ ନୁହେଁ , ଉଡ଼ନ୍ତା ରୋବର୍ଟ ଗୁଡିକ ମଧ୍ୟ ଏକା ଲୟ ଓ ଲକ୍ଷରେ ଗାଇଉଠିଲେ ବଞ୍ଚିବାର ଶେଷ ମନ୍ତ୍ର !

"ହେ ମୃତ୍ୟୁ ତୁମେ ଥକିଯାଅ,

ହେ ଅତୀତ ତୁମେ ଉଭାହୁଅ

ହେ ଦିଗ୍-ବଳୟ ତୁମେ ଦେଖାଦିଅ...."।

ସମସ୍ତ ପୃଥିବୀର ସ୍ୱର ଏକହୋଇ ହଜିଯାଇଥିବା ଅନ୍ତଃରାତ୍ମା କୁ ଆବାହନ କରିଲାବେଳେ ଯୁବକଟି ସ୍ୱାଗତକ୍ତି କଲା "ରୋମା"! ହେ ପ୍ରକୃତି ! ତୁମେ ସର୍ଜନା କର , ତୁମେ ସର୍ଜନା କର.. ହେ 'ରୋମା' ତୁମେ .......

ଯୁବକର ବିହ୍ୱଳିତ କାରଣଙ୍କୁ , ବୃଦ୍ଧା ଙ୍କ ପ୍ରଶ୍ନର ଉତ୍ତରରେ ସେ କହିଲା 'ରୋମା, ମୋ ପେୟସୀ ,ଏ ଅନ୍ଧକାର ପାପମୟ ପରିବେଶରେ ଏକମାତ୍ର ଜୀବନ ସାଥିଟିଏ ଥିଲା,ସେ ହିଁ ତ ମୋତେ ଦେଖାଇଥିଲା ଦୂର ଦିଗନ୍ତରୁ ଉଦନ୍ତା ସୂର୍ଯ୍ୟର କୃପଣ ଆଲୋକ ! ଚନ୍ଦ୍ରପୃଷ୍ଠ ସ୍ୱପ୍ନ, ଘରର ! ଏବଂ ...

ବୃଦ୍ଧ ହସିଦେଇ କହିଲେ "ଚନ୍ଦ୍ରପୃଷ୍ଠ ? ମୂର୍ଖ ସମାଜ ସ୍ୱଗୃହେ ଅଗ୍ନିସଂଯୋଗ କରି , ସେ ଭସ୍ମକୁ ତିଳକ ସଜାଇ ଚାଲିଥିଲେ ଚାନ୍ଦାମାମା ଘରେ ସଜାଇବାକୁ ଦିବାସ୍ୱପ୍ନ ! ଆଃ ! "।

ଯୁବକଟି ତିଳେହେଲେ ବୃଦ୍ଧଙ୍କ ବାକ୍ୟକୁ ସମ୍ମାନ ନ ଦେଇ କହିଚାଲିଲା ".. .ଏବଂ ସବୁଜ ପ୍ରଦୂଷଣ ରହିତ ବଖୁରିଏ ଟନେଲ , ତୁମେ ଜାଣକି ଏକ ସ୍ୱଚ୍ଛ କୋଳାହଳ ରହିତ ସ୍ଥାନ ? ତୁମେ ତ ପ୍ରଚାରକ , ତୁମେ ତ ..."।

ତା'ର ଏ ଅବୋଧ ନିରାଧାର ପ୍ରଶ୍ନରେ ବୃଦ୍ଧ ନିଶ୍ଚଳ ରହିଲେ, ଚଳନ୍ତି ଶତାବ୍ଦୀ ଭଳି । ଅନେକ କ୍ରନ୍ଦନ,ପୀଡା ଯାତନା କିମ୍ବା ପ୍ରେମ ଭଙ୍ଗୁର କ୍ଷୀଣ ପ୍ରତିଶୃତି ଯେମିତି ସହିଆସୁଛି ଏ ସମୟ ! ଚାରିଆଡେ ହାହାକାର କିନ୍ତୁ ସେ ତା ଗତିକୁ ସ୍ୱୟଂକଳୁଷିତ କରେନି , ହଁ, କିନ୍ତୁ ଏଭଳି ଉଦଭ୍ରାନ୍ତ ଓ ପଥଭ୍ରଷ୍ଟ ବିଜ୍ଞ ଅନେକ ତାକୁ କବଳିତ କରିବାକୁ ଚେଷ୍ଟାକରି ନିଷ୍ଠୁର ହାର ମାନିଛନ୍ତି । ଯେମିତି ଚନ୍ଦ୍ରପୃଷ୍ଠ ର ସୁଇମିଙ୍ଗ ରେ ତାଙ୍କ ବିନୋଦନରେ ଦାମୀ କ୍ରୀତଦାସର ସ୍ୱାନନାଟକ । ଏବଂ ଆରମ୍ଭ କରିଦେଲେ ଚତୁର୍ଥ ବିଶ୍ୱଯୁଦ୍ଧ ! ତାର ପରିଣାମ ଏ ବିଷମୟ ପରିବେଶ ।

ସନ୍ଧ୍ୟାର ଆଗମନରେ ବିଚ୍ଛୁରିତ ହୋଇପଡୁଥାଏ ଆଲୋକର ପ୍ରଜ୍ୱଳିତ ଛାୟାମାନ । ଧିମା ମିଟିମିଟି ହୋଇ ସେ ରୁଗ୍ଣ ଡିସ୍ପ୍ଲେ ଗୁଡିକରେ ଯେପରି ଜୀବନ ସଂଚରିତ ହେଲାଭଳି ପ୍ରହସନ ଦେଖାଇଲେ "ହେ ପ୍ରକୃତି ବିଧ୍ୱଂସକ

ଅମାନବ ! ଝାଡିଦିଅ ଆମ ଦେହେ ଧୂଳି , ନେଇଯାଅ ତୁମ ଅମ୍ରୀୟଙ୍କ ଇଛାମୃତ୍ୟୁ କାରଣର ସୁଖ ବାର୍ତ୍ତା "।

ଯୁବକ ଜଣକ ଅସହଜ ମନେହେଲା । ତା ହାତର ସେ ଗେଜେଟ୍ କୁ ବାରମ୍ବାର ପିଟି ନିଦରୁ ଉଠାଇବାର ଆବ୍ୟର୍ଥ ପ୍ରୟାସ କରିଲା , କିନ୍ତୁ ଗେଜେଟ୍ ଟି ଚିରନିଦ୍ରା ଯାଇଥାଏ ବ୍ୟାଟେରୀକୁ ହତ୍ୟା କରି , ଯେପରି ବିଶ୍ୱଯୁଦ୍ଧ ପରେ ମାନବତାର ବିବେକ ଛାଡିଯାଇଛି ମୃତ ପରିବେଶ ।

ବୃଦ୍ଧଜଣକ କିଛି କହିବା ପୂର୍ବରୁ ଯୁବକଟି କ୍ଷିପ୍ରଗତି କଲା ଅନତି ଦୁରେ ଥିବା ସେ ସମାଚାର ପାଖକୁ । ସେଥିମଧ୍ୟରେ ତା'ର ଏକ ପାଖ ମଇଳା ଜୋତା ଖୋଲିଯାଇ ବଳପୂର୍ବକ ଆଘାତ କଲା ଏକ ଭଗ୍ନ ରୋବର୍ଟ ମୁଣ୍ଡରେ । ଏବଂ ସେ ପ୍ରଳାପ ଆରମ୍ଭ କରିଦେଲା, ତା ଆଖପାଖର ଅନେକଙ୍କ ଭଳି । କେଜାଣି କାହିଁକି ବୃଦ୍ଧଙ୍କ ଏକ ଚକ୍ଷୁରୁ ଅଜାଣତରେ କେଇଟୋପା ଲୁହ ଝରିଆସିଲା । ସେ ମନେମନେ ନିଜର କିଂକର୍ତ୍ତବ୍ୟବିମୁଢ଼ ଭାଗ୍ୟକୁ ଦୋଷ ଦେଇ ଚୁପଚାପ କହିଲେ "ସାରା ଦୁନିଆର ଦୁଃଖକୁ କଣ ଏକ ଚକ୍ଷୁର ଅଶ୍ରୁଦେଇ ହାଲୁକା କରିହେବ ? ହେ ଈଶ୍ୱର ! ତୁମେ ବି ଟିକେ କାନ୍ଦିନିଅ , ତୁମେ ବି ଟିକିଏ କାନ୍ଦିନିଅ "।

କାହୁଁକେତେ ସମୟ ଉତ୍ତାରୁ ଯୁବକଟି ଫେରିଆସି ପ୍ରଶ୍ନ ପଚାରେ ସେ ଏକ ଚକ୍ଷୁ ବିଶିଷ୍ଟ ଦାର୍ଶନିକର ଘୁମନ୍ତ ଶରୀର ପାଖେ 'ତେବେ କଣ ମୁଁ ଦାୟୀ ? ଏ ସଂସାରରେ ତ ସମସ୍ତେ ରୋଗାକ୍ରାନ୍ତ, ସଭିଏଁ ଏକପ୍ରକାର ମୃତ୍ୟୁ କାମନାର ଆଶାୟୀ , ତେବେ ମୋ 'ରୋମା' କାହିଁକି ଇଛମୃତ୍ୟୁ ନେଲା ? ହେ ଈଶ୍ୱର ! ଆମ ନିଷ୍ପାପ ଶିଶୁଟି କଣ ଇଛମୃତ୍ୟୁ ମାଗିଥିଲା ?"।

ଯୁବକଟି ର କ୍ରନ୍ଦନ କେବଳ ବୃଦ୍ଧଙ୍କ କୋଟ୍ ଭେଦି ତାଙ୍କ ଅନ୍ତର ପର୍ଯ୍ୟନ୍ତ ପହଞ୍ଚିଥିଲା । ସୁଦୂରରେ ଥିବା ଅନେକ ତ କ୍ରନ୍ଦନରତ , ବେହିସାବ ଇଛମୃତ୍ୟୁ ର ଶବ , ଆଉ ତାଙ୍କ ଶୁଭେକାଂକ୍ଷୀଙ୍କ ପ୍ରଳାପ । ବୃଦ୍ଧ ଉଠିଲେ , ଯୁବକଟିର କାନ୍ଧରେ ହାତ ରଖି କହିଲେ 'ଦୋଷ ? ସେ ଶବ୍ଦ ଅର୍ଥହୀନ, ଶହଶହ ବର୍ଷରୁ ଆମ ପୂର୍ବଜଙ୍କ ଦାନ ଏ ପ୍ରଦୂଷଣ, ତୁମେ ଦେଖିପାରିବ କି ଦୂରେ ବିଳାପ ଜର୍ଜରିତ ସେ ବାଳିକାକୁ, ଏକ କୋଟ୍ ଭିତରେ ତା ସଯତ୍ନ କୈଶୋରିକତା କୁ ମାପିପାରିବ ? ତୁମେ ଓଠ କୁହେ ତୁମେ ସିଗାର ପ୍ରପୀଡ଼ିତ ଧୂମ୍ରପ, ତୁମେ କଣ ଦାୟୀ ନୁହେଁ ତା ମୃତ୍ୟୁର କାରଣ ଚିଠାରେ ? ଏ ପ୍ରଦୂଷଣ ଭର୍ତ୍ତି ପୃଥିବୀରେ ବୃକ୍ଷଟିଏ ବି ସୃଜନ ନେବାକୁ ଭୟ କରୁଛି । ତେବେ ସେ ନିଷ୍ପାପ ସନ୍ତାନଟି କାହିଁକି ଆମ ପୂର୍ବଜଙ୍କ ପାପଭାରା ସହିଥାନ୍ତା ? ଆଉ ତୁମ ରୋମା ! ତୁମ ବଙ୍କର ବାହାରେ କେବେ ପ୍ରଶ୍ୱାସ ନେଇଛ ବିନା ଅକ୍ସିଜେନ ସିଲିଣ୍ଡର ରେ ? ସେ ଠିକ କରିଛି , ଏଇ ତ ଆଇନ୍ , ଇଛାମୃତ୍ୟୁ ତ ଆମ ନିୟନ୍ତ୍ରଣ "।

ଯୁବକ ଜଣକ ଆହୁରି ଭାଙ୍ଗିପଡ଼ିଲା । କୋହର ବାମ୍ପରେ ତା ମାସ୍କ ଓ ମୁଖସାମ୍ନା କୋଟ୍ ର ଟାଣ ଜରିଗୁଡିକ ଶ୍ୱେତ ଆସ୍ତରଣ ଜମେଇସାରିଥିଲେ , ଶୀତର ପ୍ରକୋପ ଧୀରେ ଧୀରେ ବିସ୍ତାର କରିଚାଲିଥିଲା ବିଷାକ୍ତ ପ୍ରଦୂଷଣ କୁ ପରାସ୍ତ କରିବା ଯୁଦ୍ଧରେ ।

କାହୁଁକେତେ ସମୟ ପରେ ପୁଣି ସାଇରନ୍ ବାଜିଉଠିଲା । ସମସ୍ତ ଜୀବ,ନିର୍ଜୀବ ଯେପରି ଏକ ଅଜଣା ଭୟ ଓ କ୍ଳାନ୍ତିରେ ଥରିଉଠି ବାଧ୍ୟତାମୂଳକ ଠିଆହୋଇଗଲେ ନୂତନ ଯୁଗର ସ୍ୱାଗତକୁ । ପ୍ରତ୍ୟକ ଡିସ୍ପ୍ଲେ , ରୋବର୍ଟ ଓ ଗେଜେଟ୍ ଗୁଡିକରେ ଝଲସି ଉଠିଲା ନୂଆ ଶତାବ୍ଦୀର ସ୍ୱାଗତ ଝଲକ ।

"ସ୍ୱାଗତମ୍ ୩୦୦୧"

ବୃଦ୍ଧ ପ୍ରଳାପ କଲେ- "ଉଠ ! ସ୍ୱାଗତ କର କରାଳ ମୃତ୍ୟୁର ଆଉ ଏକ ଶତାବ୍ଦୀକୁ । ହୁଏତ ଜୀବନ ସର୍ଜନାର ଉପାୟ କେହି ଖୋଜିନେବେ "।

ଯୁବକ ଜଣକ ଭାରାକ୍ରାନ୍ତେ ଉଠିଲେ । ତାଙ୍କର ଗୋଟିଏ ପାଦ ଶୀତର ଚାବୁକ୍ ମାଡ଼ରେ ଲୋଚା ହୋଇପଡୁଥାଏ, ନିଜ କୋହ ସମ୍ବରଣ କରି କହିଲେ "ଦେଖ ! ତୁମକୁ ଲାଗୁଛି ଶତାବ୍ଦୀର ଗଣତି ବଞ୍ଚିରହିଛି ? ସେ ତ ଅପମୃତ୍ୟୁ ରେ କେତେକାଳୁ ମୃତ ! ବାସ୍ ତା ସଂଖ୍ୟାରୂପୀ ଏ ଦିନରାତିର ରାକ୍ଷସ ଗୁଡିକ ଶଢୁଛନ୍ତି ପ୍ରଦୂଷଣର ସ୍ମଶାନରେ"।

ବୃଦ୍ଧ ଦାର୍ଶନିକ ଚାଲିଗଲେ ନିଜ ପଥେ । ଆଉ ଯୁବକ ଜଣକ ? ତାଙ୍କ ହାତେ ଥିଲା ଇଛମୃତ୍ୟୁ ର ଏକ ଆବେଦନ ପତ୍ର 'ରୋମା'ର ।

**ଢେଙ୍କାନାଳ ୭୫୯୦୧୬**

# ନ ମରୁ ଝିଅ, ନ ବଢୁ ଲୁହ

**ପ୍ରତିମା ସାହୁ**



ସମୟ ସକାଳ ୫ଟା ହେବ ବୋଧ ହୁଏ। ରାମବାବୁ ବିଛଣାରୁ ଉଠିଲେ ନିତିଦିନ ପରି। ଏଇ ମଧୁମେହ ହେବା ପରଠୁ ନିଦ ବି ହଉନି ଠିକ କରି, ଶୋଉ ଶୋଉ ରାତି ୧୨ ହୋଇଯାଉଛି। ଉଠିକି ଫୋନ ଚେକ କରିବାରୁ ଦେଖିଲେ ଫୋନ ସୁଇଚ ଅଫ ହୋଇ ଯାଇଛି। କି ପ୍ୟାଡ଼ ଫୋନ ପୁଣି ସେଥିରେ ସାଥ ଦେଇଛି ୧୦ ବର୍ଷ ହେଲାଣି। ଉଠିକି ଚାର୍ଜ ବସାଇଲା ବେଳେ ଫୋନ ଅନ ହେଲାବେଳକୁ ମେସେଜ ଆସିଲା ,ଝିଅ ମିତାର ୨୫ ଟା ମିସ କଲ। ରାତି ୧ ରୁ ସକାଳ ୫ ଭିତରେ। ମନକୁ ପାପ ଛୁଇଁଲା ରାମବାବୁଙ୍କର। ଏଇ ତିନି ଦିନ ତଳେ ସ୍ତ୍ରୀ କୌଶଲ୍ୟା କହୁଥିଲେ ମିତା ଶାଶୁ ଘର ଲୋକ ୱାଶିଂ ମେସିନଟେ ପାଇଁ ମିତାକୁ ଖୁଂଟଣା ଦେଉଛନ୍ତି ବୋଲି ମିତା କହୁଥିଲା। ପଇସା କମ ବୋଲି ୨ ମାସ ହେଲାଣି ମଧୁମେହଟା ପରୀକ୍ଷା ବି କରି ନାହାନ୍ତି। ସେ ଯାହା ବି ହଉ ଝିଅର ଖୁସି ପାଇଁ ଟଙ୍କା ଯୋଗାଡ କରିଥିଲେ ରାମବାବୁ। ତାହେଲେ ଏବେ ମିତାକୁ ଜଣାଇ ଦିଅନ୍ତୁ କି ହଁ ଆଜି ନେଇକି ପହଞ୍ଚାଇ ଦେବେ ୱାଶିଂ ମେସିନଟା। ଏତିକି ଭାବି କଲ କଲେ ଉଠାଇଲାନି ମିତା, ବାରବାର ୩ ଥର କଲ ପରେ ମିତାର ଶାଶୁ ଉଠାଇକି କାନ୍ଦି କାନ୍ଦି କହିଲେ,"ସମୁଦି ଜଲଦି ଆସନ୍ତୁ ,ମିତା ଘର ପଛପଟ ଆମ୍ବ ଗଛରେ ଦଉଡି ଲଗାଇ ଦେଇଛି"।

ମିତାର ଶାଶୁ ଠୁଁ ଏତିକି ଶୁଣି ରାମବାବୁ ଲଥ କରି ବସି ପଡିଲେ ତଳେ, ତଳେ ଫୋନ ପଡିକି ବ୍ୟାଟେରୀ ବାହାରି ପଡିଛି। ଏତେ ଜୋର ଶବ୍ଦ ହେବାରୁ ବାହାରେ ଦାଣ୍ଡ ଓଳାଉଥିଲେ କୌଶଲ୍ୟା ଦେବୀ ଦଉଡି ଆସିଲେ। ଆଉ ଦେଖିଲେ ରାମବାବୁ ଛୋଟ ଛୁଆ ପରି ଭାଉଁ ଭାଉଁ ହୋଇ କାନ୍ଦୁଛନ୍ତି। ଯେମିତି ତାଙ୍କ ଖେଳନାକୁ କିଏ ଛଡାଇ ନେଲା ତାଙ୍କଠୁଁ। ରାମବାବୁ ସ୍ତ୍ରୀକୁ ଦେଖି ସବୁକଥା କହି ବାହାରିଲେ ମିତାର ଶାଶୁ ଘରକୁ ସେ ଭଙ୍ଗା ଫୋନକୁ ସଜ କରିକି। ଝିଅ ଘର ତାଙ୍କ ଘରଠୁଁ ୧୦ କିମି ଦୂର। ଗାଡି ବି ନାହିଁ ବନ୍ଧା ପକାଇକି ଟଙ୍କା ଆଣିଥିଲେ ସାନ ଝିଅର ପରୀକ୍ଷା ଫିସ ଆଉ ମିତା ପାଇଁ ୱାଶିଂ ମେସିନ୍ କିଣିବାକୁ। ସେଇ ଭଙ୍ଗା ସାଇକେଲକୁ ଧରିକି ବାହାରିଲେ। ଯାଇ ପହଁଚି ଦେଖିଲେ ମିତାର ଶବ ଘର ବାହାରେ ଥୁଆ ହୋଇଛି।ଶାଶୁ ବସିକି କାନ୍ଦୁଛନ୍ତି। ମିତାର ଦେଢ଼ ବର୍ଷର ଝିଅଟି ଅଜାକୁ ଦେଖିକି ଦଉଡି ଆସିଲା ଚକଲେଟ ଖାଇବାକୁ। ସେ ବା କଣ ବୁଝେ ମୃତ୍ୟୁର ଦୁଃଖ! ନାତୁଣୀ କୁ ଧରି ପାଦ ବଢ଼ାଇଲେ ଶବ ପାଖକୁ। ମନ ଭରି ଦେଖିଲେ ମିତାର ମୁହଁକୁ ଆଉ କାନ୍ଦି ଚାଲିଲେ ଠିକ ମିତାର ୨୪ ବର୍ଷ ଜୀବନକୁ ମନେ ପକାଇ। ସେପଟେ ମିତା ର ଝିଅ ଅଜା କକଲ କକଲ କହି ଶାର୍ଟକୁ ଭିଡୁଥାଏ। ସେଇ ସମୟରେ ଡାକିଲେ ରାମବାବୁଙ୍କୁ ମିତାର ଶଶୁର। ଆଉ କାନ୍ଦି କରି କହିଲେ," ସମୁଦି, ଘରର ଲକ୍ଷ୍ମୀକୁ ହରାଇ ଦେଲୁ ଆମେ। ଟଙ୍କା ବି କମ। ପୋଲିସ ଜାଣିନି ଜାଣିଲେ କେସ ହେବ। କୋଉଠୁ ଆଣିବୁ ଏତେ ଟଙ୍କା, ଛୋଟ ଛୁଆର ବୋଝ ଏବେ ଆମକୁ ଲାଗିଲା। କଣ କହୁଛନ୍ତି ଡାକ୍ତରୀ ମାଇନା ପାଇଁ ମେଡିକାଲ ପଠାଇବା ନା ଶବ ସତ୍କାର କରିଦେବା।"

ଏତିକି ପରେ ଅର୍ଥ ଅଭାବୀ ରାମବାବୁ ଭାବିଲେ ଚାରି ଆଡୁ "କୁନି ଝିଅର ଭବିଷ୍ୟତ ସେଇ କେସ ଟଙ୍କାରେ ଖର୍ଚ୍ଚ କଲେ କିଛି ହେବ, ମିତା ତ ଆଉ ଫେରିବନି କିଛି ନହେଲେ ମିତାର ଶଶୁର କହୁଥିବା ବୋଝ (ମିତାର ଝିଅ) ଖୁସି ପାଇଁ ରାମବାବୁ କେସ ପାଇଁ ମନା କରି ଶବସତ୍କାର ଗ୍ରାମ ମଶାଣିରେ କରାଇ ଦେଲେ।"

ଦେଖୁଥିଲେ ରାମବାବୁ ମଶାଣି ଗଲାବେଳେ ମିତାର ଗହମ ରଙ୍ଗ ମୁହଁରେ ସିନ୍ଦୁରକୁ ,ଠିକ ସେଇ ସିନ୍ଦୁର ଟିକକ ମିତାର ବାହାଘର ଠିକ କଲାବେଳେ ରାମବାବୁ ମିତା ପିନ୍ଧିବାକୁ ରାଜି ହଉନଥିଲା। କହୁଥିଲା ବାପା ମୋତେ ପାଠ ପଢ଼ି ନିଜ ଗୋଡ଼ରେ ଠିଆ ହେବାର ଅଛି। ହେଲେ ତିନି ତିନି ଝିଅ ଆଉ ପୁଅ ନଥିବା ବାପା କଣ ପାଠର ମୂଲ୍ୟକୁ ପ୍ରାଧାନ୍ୟ ଦେବେ? ଭଲ ଘର ପ୍ରସ୍ତାବ ଦେଖି ପୁଅ

ବାଙ୍ଗାଲୋରରେ ଭଲ କମ୍ପାନିରେ ଚାକିରୀ ଦେଖି ବାହା କରେଇଦେଲେ। ମିତା ରାଜି ନହେବାରୁ ସାହି ଲୋକ ଟୁପୁରୁ ଟାପୁରୁ ହେଲେ ସେଇ ପାଖ ଗାଁ ରତନ ସହ ମିତାର ଭାବ ଚାଲିଛି ବୋଲି। ହେଲେ ମିତା ରତନ କୁ ଭାଇ ମାନେ। କେବେ କୋଉଠି ଦେଖିଲେ କଥା ହୁଏ ବୋଲି ଗାଁ ଲୋକଙ୍କ ଦେହରେ ଯାଏନି। କିଏ ବ କୋଉ ଝିଅ ନିଜ ଚରିତ୍ର ।କୁ କଳଙ୍କ ଦେବାକୁ ଚାହିଁବ? ରାଜି ହୋଇଗଲା ମିତା ବାହାଘରରେ। ପ୍ରଥମ ଥର ଦେଖିବାକୁ ଆସିଥିଲେ ମିତାର ଶଶୁର। ଦେଖିକି ମିତାକୁ ରାଜି ହୋଇ ଘରକୁ ଫେରିଥିଲେ। ପ୍ରଥମ ପ୍ରସ୍ତାବ ରେ ଝିଅକୁ ପୁଅ ଘର ଲୋକ ପସନ୍ଦ କରିଥିବାରୁ ରାମ ବାବୁଙ୍କ ଗୋଡ ଖୁସିରେ ତଳେ ଲାଗୁନଥିଲା। ମିତାର ଶଶୁର ଦେବାନେବା କଥା ଫୋନରେ ରାମବାବୁଙ୍କୁ ପଚାରିବାରୁ ରାମବାବୁ ଝିଅକୁ ସୁନା ଗହଣା ଘରକରଣା ଜିନିଷ ସବୁ ଯାହା ମିତାର ଶଶୁର କହିଲେ ରାଜି ହୋଇଗଲେ। ନଗଦ ୧ଲକ୍ଷ ଟଂକା ଦେଲେ ଆଉ ୧ ଲକ୍ଷ ଟଙ୍କା ପରେଦେବେ କହି ବାହାଘର ଜିନିଷ କିଣାକିଣି କଲେ। ବାହାଘର ହେଲା ସୁନା ଗହଣାରେ ମିତା ଛାଇ ହୋଇ ଠିକ ରାଜକୁମାରୀଟିଏ ଲାଗୁଥିଲା।ଝିଅର ଖୁସି ପାଇଁ ରାମବାବୁ ଟିକିନିକି ଖଞ୍ଜି ଦେଲେ। ଟଙ୍କା ଅଭାବ ହେଲା ବୋଲି ଜମି ବିକିଦେଲେ କିଛି। ଝିଅ ବାହାଘର ହେଲା। ବିଦାୟୀ ବେଳେ ବରଯାତ୍ରୀ ଆସିଥିବା ଗାଡି ଖର୍ଚ୍ଚ ପାଇଁ ଟଙ୍କା ହେଲାନି ବୋଲି ଯୁକ୍ତି ହେବାରୁ ରାମବାବୁ ୫୦ ହଜାର ଟଙ୍କା ଆଉ ଦେଇ ଝିଅକୁ ବିଦା କଲେ। ପୁଣି ଚଉଠି ଭାରରେ ଦୁଇ ଗାଡି ଫୁଲ ଜିନିଷ ଦେଲେ। ମିତାର ଶାଶୂଘର ପାଇଁ ଭାର ବ୍ୟବହାର ବି ହେଲେ ଦେଇ ନଥିଲେ ୱାଶିଂ ମେସିନଟି ଖାଲି କଣ ବା ଦରକାର ହେବ ୱାଶିଂ ମେସିନ୍,ମିତା ତ ଘରେ ସବୁ ନିଜ ହାତରେ କାଚି ସଫା କରି ଇସ୍ତ୍ରୀ ଦିଏ ଏମିତି ଲୁଗା ପୁରୁଣା ବୋଲି ଜଣା ପଡେନି।

ଝିଅ ବାହାଘର ସରିଲା ୮ଦିନକୁ ଆସିଲେ ଝିଅ ଜ୍ୱାଇଁ। ଜ୍ୱାଇଁ ପ୍ରଥମ ଥର ଆସିଥିଲେ ବୋଲି ପୁଣି ଏକ ସୁନା ମୁଦି ଦେଲେ ,ମିତା ଶାଶୂଘର ସବୁ ଭଲ ବୋଲି କହି କହିଲା ୱାଶିଂ ମେସିନଟା ଦେଲନି ଯେ ଶାଶୁ କହୁଥିଲେ ତୋ ବାପର କଥା ବଡ ବଡ ଖାଲି ଆଉ ୫୦୦୦୦ ଟଙ୍କା ବି ଦେଲେନି। ରାମବାବୁ କହିଲେ ଦେବି ଲୋ ମା। ତୁ ଯେମିତି ଖୁସିରେ ରହିବୁ ସେ ପାଇଁ ସବୁ ଦେବି ମୁଁ।

ହେଲେ ରାମବାବୁ ଦେଇ ପାରିଲେନି ମେସିନ କିନ୍ତୁ ବକେୟା ଥିବା ୫୦ହଜାର ଟଙ୍କା ଦେଇଦେଲେ। ଝିଅ ବାହାଘରର ବର୍ଷ ଯାକ ସବୁ ପୁନେଇଁ ପରବରେ ଖର୍ଚ୍ଚ ଆଉ ସେଇ ବର୍ଷରେ ହିଁ ଝିଅର ସାଦ ଖିଆ ଖର୍ଚ୍ଚ। ପର ବର୍ଷ ମିତାର ଝିଅ ହେଲା ଯେ ୨୧ଦିନ ଖର୍ଚ୍ଚ, ନାତୁଣୀ ପାଇଁ ଚେନ ଆଉ ଜିନିଷ। କୋଉଠୁ ଆଣିବେ ଏତେ ଟଙ୍କା ରାମବାବୁ। ଇଟା ଭାଟିରେ କାମ କରି ଦିନକୁ ଯୋଉ ହଜାରେ ଆଣନ୍ତି। ସେଥିରେ ୩ ପ୍ରାଣୀ ଚଳି ମିତାର ବାହାଘରର ଋଣ ଆଉ ଖର୍ଚ୍ଚ ସୁଝନ୍ତି।

ସବୁ ଗୋଟେ ଗୋଟେ କରି ମଶାଣିରେ ରାମବାବୁ ମିତାର ଦେହ ଜଳୁଥିବା ବେଳେ ଅତୀତର ପୃଷ୍ଠା ଖେଳାଇ ନିଜେ ଜଳୁଥିଲେ। ଯୋଉ ରାମବାବୁ ମିତାର ବାହାଘର ବେଳେ ବିଦାୟୀ ବେଳେ ଲୁଚି ଯାଇଥିଲେ ମିତା ବାପାଙ୍କୁ ଖୋଜିଲାବେଳେ। ସେଇ ରାମବାବୁ ଆଜି ମଶାଣିରେ ଝିଅ ଶବ ସହ ଆସିଥିଲେ ବାପର କର୍ତ୍ତବ୍ୟ ପାଇଁ।

ଶବ ସତ୍କାର ସରିଲା , ମିତାର ଶଶୁରକୁ ଡାକି ରାମବାବୁ ଧରାଇ ଦେଲେ ୩୦ ହଜାର ଟଙ୍କା, କହିଲେ ସମୁଦି ଝିଅର ଶୁଦ୍ଧି ଖର୍ଚ୍ଚରେ ଲଗାଇ ଦେବେ। ୱାଶିଂ ମେସିନ୍ ଆଉ କଣ ହେବ ତାର? ଆଉ ମୁଁ ରିଚା(ମିତାର ଝିଅ) କୁ ଆସିକି ନେଇଯିବି ଶୁଦ୍ଧି ସରିଲେ। କାହିଁକି ଆଉ ମିତାର ବୋଝକୁ ମୁଣ୍ଡାଇବେ ଆପଣ?ଏ ତେ ସବୁ ଶୁଣିକରି ମିତାର ଶଶୁର ଟଙ୍କା ଗ୍ରହଣ କରିବା ଆଉ ରାମବାବୁ ଦେଖିଥିବା ମିତା ଦେହରେ ମାଡର କଞ୍ଚାଦାଗକୁ ବି ଅପମୃତ୍ୟୁ ରୂପେ ଗ୍ରହଣ କରିଦେଲେ କେବଳ ୩ଟି ଝିଅର ବାପା ବୋଲି।

ଆଉ ନିଜ ଘରକୁ ଫେରିଲା ବେଳେ ରାମବାବୁ ଭାବୁଥିଲେ ମିତାର ସାନ ୨ ଭଉଣୀକୁ ପାଠ ପଢ଼ାଇ ରୋଜଗାରକ୍ଷମ କଲାପରେ ଯାଇ ବାହା କରିବେ। କାରଣ ଏ ସମାଜରେ ଯୌତୁକ ପାଇଁ ରାକ୍ଷସଙ୍କ ଅଭାବ ନାହିଁ।

( ଶେଷରେ ମୋର ସବୁ ବାପମାଆ ଙ୍କୁ ଅନୁରୋଧ ଝିଅକୁ ପାଠ ପଢ଼ାଇବାରେ ଟଙ୍କାକୁ ଖର୍ଚ୍ଚ କରାନ୍ତୁ କେବେ ଯୌତୁକ ଦେବାରେ ନୁହଁ। ମିତା ପରି ଯେମିତି ଆପଣଙ୍କ ଝିଅ ଯୌତୁକ ପାଇଁ ନମରୁ, ବରଂ ନିଜ ଟଙ୍କାରେ ସେଇ ଜିନିଷକୁ କିଣିବା ସହ ଯୌତୁକ ର ବିରୋଧ କରିବାର ଶକ୍ତି ପାଇଥାଉ। ତେଣିକି ବାହାଘର ଝିଅ ପସନ୍ଦ ର ହଉ କି ଝିଅ ଘର ଲୋକଙ୍କ ପସନ୍ଦର ହୋଇଥାଉ।ଜ୍ୱାଇଁ ଖଟିଖିଆ ହୋଇଥାଉ ତ ସରକାରୀ ଚାକିରିଆ ହୋଇଥାଉ। )

**ବୈତରଣୀ ରୋଡ଼**

**ଯାଜପୁର**

ଓଡ଼ିଆ କଥାଚିତ୍ର ଜଗତର ଟିକିନିଖି ତଥ୍ୟ

# ଆମ କଥାଚିତ୍ର

## ସୀତା ବିବାହ | ୧୯୩୬




ସଂଗ୍ରାମ କେଶରୀ ସେନାପତି (ଗପୁ)
ଭଦ୍ରକ

https://odiamovies.gapu.in/

# ସୀତା ବିବାହ

## ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର




( ଛବି ସୌଜନ୍ୟ - ସୂର୍ଯ୍ୟ ଦେଓ )

- ନିର୍ଦ୍ଦେଶକ: ମୋହନ ସୁନ୍ଦର ଦେବ ଗୋସ୍ୱାମୀ
- ପ୍ରଯୋଜକ: ମୋହନ ସୁନ୍ଦର ଦେବ ଗୋସ୍ୱାମୀ
- ସଂଳାପ: ଅଦ୍ୱୈତ ମହାନ୍ତି
- କାହାଣୀ: ସୀତାଙ୍କର ସ୍ୱୟମ୍ବର ଉପରେ ଆଧାରିତ
- (ନାଟକ ଲେଖକ: କାମପାଳ ମିଶ୍ର)
- କଳାକାର: ମାଖନଲାଲ ବାନାର୍ଜୀ, ପ୍ରଭାବତୀ ଦେବୀ, ଅଦ୍ୱୈତ ଚରଣ ମହାନ୍ତି, ମୋହନ ସୁନ୍ଦର ଦେବ ଗୋସ୍ୱାମୀ, ନରସିଂହ ନନ୍ଦ ଶର୍ମା, କୃଷ୍ଣଚନ୍ଦ୍ର ସିଂହ, ବୁଦ୍ଧିମତୀ, ରାଧାରାଣୀ, ଲକ୍ଷ୍ମୀପ୍ରିୟା, ରାମଚନ୍ଦ୍ର ଲାଲ
- ସଙ୍ଗୀତ: ହରିଚରଣ ମହାନ୍ତି
- ଗୀତ: ମୋହନ ସୁନ୍ଦର ଦେବ ଗୋସ୍ୱାମୀ, ନରସିଂହ ନନ୍ଦ ଶର୍ମା
- ଚିତ୍ରଗ୍ରହଣ: ନାନିଗୋପାଳ ସାନ୍ୟାଲ୍
- ମୁକ୍ତିଲାଭ ତାରିଖ: ୨୮ ଅପ୍ରେଲ ୧୯୩୬
- କଥାଚିତ୍ରର ସମୟ: ୨ଘଣ୍ଟା ୩୦ମିନଟ
- ଖର୍ଚ୍ଚ: ୨୯ ହଜାର ୭୮୧ ଟଙ୍କା ୧୦ ଅଣା



(ମୋହନ ସୁନ୍ଦର ଦେବ ଗୋସ୍ୱାମୀ)

ସୀତା ବିବାହ ପ୍ରଥମ ଓଡ଼ିଆ କଥାଚିତ୍ର । ୧୯୩୬ ମସିହା ଅପ୍ରେଲ ୨୮ତାରିଖରେ ପୁରୀର ଲକ୍ଷ୍ମୀ ପ୍ରେକ୍ଷାଳୟରେ ଏହି ଚଳଚ୍ଚିତ୍ରଟି ମୁକ୍ତିଲାଭ କରିଥିଲା । ଏହି ଚଳଚ୍ଚିତ୍ରଟି କଳାଧଳା ଚଳଚ୍ଚିତ୍ର ଥିଲା । ପୂର୍ବେ ଅନ୍ୟ ଭାଷାରେ ନିର୍ବାକ (ଶବ୍ଦ ନ ଥିବା ଚଳଚ୍ଚିତ୍ର) ଚଳଚ୍ଚିତ୍ରମାନେ ନିର୍ମାଣ ହେଉଥିଲା, ମାତ୍ର ଆମ ଭାଷାରେ ନିର୍ବାକ ଚଳଚ୍ଚିତ୍ର ନିର୍ମିତ ହୋଇ ନ ଥିଲା । ଏହି ଚଳଚ୍ଚିତ୍ର ସିଧାସଳଖ ଧ୍ୱନି ସହ ନିର୍ମିତ ହୋଇଥିଲା ।

କଥାଚିତ୍ରରେ ଚଉଦଟି ଗୀତ ଥିଲା ଓ ସେଗୁଡ଼ିକୁ ଅଭିନୟ କରିଥିବା କଳାକାର ମାନେ ହିଁ ଗାୟନ କରିଥିଲେ । ଏଥିରେ ଥିବା ୧୨ଟି ଗୀତକୁ ମୋହନ ସୁନ୍ଦର ଦେବ ଗୋସ୍ୱାମୀ ରଚନା କରିଥିଲେ । ରାମ ଓ ସୀତାଙ୍କ ବିବାହ ଉପରେ ଆଧାରିତ ଏହା ୧୨ରିଲ ବିଶିଷ୍ଟ ଥିଲା । କଲିକତାରେ ପ୍ରଦର୍ଶନ କରିବାକୁ ନେବା ଅବସରରେ ଅଗ୍ନିକାଣ୍ଡ ଯୋଗୁଁ ଏହାର ସମସ୍ତ ରିଲ ପୋଡ଼ି ନଷ୍ଟ ହେଇଯାଇଥିଲା ।

୧୯୩୫ ମସିହା ପ୍ରଥମ ଭାଗରେ ପୁରୀଠାରେ କଳାକାରମାନେ ଅଭ୍ୟାସ ଆରମ୍ଭ କରିଥିଲେ । ସେହିବର୍ଷ ଜୁଲାଇ ୨୯ରେ ମୋହନ ସୁନ୍ଦର ସମସ୍ତଙ୍କୁ ଧରି କଲିକତା ଯାତ୍ରା କରିଥିଲେ । ସେପ୍ଟେମ୍ବର ୧୯ରେ କଲିକତାଠାରେ ଚିତ୍ର ଗ୍ରହଣ ଆରମ୍ଭ ହୋଇଥିଲା ୨୩ ମାର୍ଚ୍ଚ ୧୯୩୬ରେ ନିର୍ମାଣ ଶେଷ ହୋଇଥିଲା । ମାସକ ପରେ ଦର୍ଶକ ଏହାକୁ ଦେଖିବାକୁ ପାଇଥିଲେ । ଚଳଚ୍ଚିତ୍ରଟିରେ ସମୁଦାୟ ଖର୍ଚ୍ଚ ହୋଇଥିଲା ୨୯ ହଜାର ୭୮୧ ଟଙ୍କା ୧୦ ଅଣା । ମୋହନ ସୁନ୍ଦର ଦେବ ଗୋସ୍ୱାମୀ ନିଜ ଘର ବନ୍ଧକ ରଖି ଏହି ଅର୍ଥ ଯୋଗାଡ କରିଥିଲେ

ମାଖନଲାଲ ବାନାର୍ଜୀ, ରାମ ଚରିତ୍ରରେ ଅଭିନୟ କରିବା ପାଇଁ ୧୨୦ ଟଙ୍କା, ଲକ୍ଷ୍ମଣ ଚରିତ୍ରରେ ଅଭିନୟ କରିଥିବା ଆଦିତ୍ୟ ବଲ୍ଲଭ ମହାନ୍ତି ଯିବା ଆସିବା ଖର୍ଚ୍ଚ ପାଇଁ ୩୫ଟଙ୍କା ଓ ପ୍ରଭାବତୀ ଦେବୀ ସୀତା ଚରିତ୍ରରେ ଅଭିନୟ କରିବା ପାଇଁ ୧୫୦ଟଙ୍କା ପାରିଶ୍ରମିକ ଗ୍ରହଣ କରିଥିଲେ

# ଜଟିଳ ପଜଲ୍

ପ୍ରୀତିରଞ୍ଜନ ନାୟକ



ଖାଲି କଞ୍ଚା କଞ୍ଚା ରକ୍ତ
ନିରୀହ ଦେବତୁଲ୍ୟ ଛୁଆଙ୍କ
ମାଟି ସବୁ ପିଇ ନେଇ
ହାଣ୍ଡି କଳା ମଚ୍ ମଚ...
ନିସ୍ତବ୍ଧ ହେଲା ପରି
ଘୁମେଇ ପଡ଼ିଛି
ମୁଣ୍ଡା ମୁଣ୍ଡା ବାନିସ୍ ରଙ୍ଗ
ଶୋଷି ନେଇ.....
ବଙ୍କର ଭିତରୁ
ଅନ୍ତୁଫାଡି ଜନ୍ମ ଦେଇଥିବା ମା' ର
ଆର୍ତ୍ତ ଚିତ୍କାର.....
ଯୁଦ୍ଧ କ୍ଷେତ୍ରରେ ବାପାଙ୍କ
ନିର୍ଭୀକତା.....
କୋଷ କୋଷ ଦୂର ଯାଏଁ
ଛିଟିକି ପଡ଼ିଛି ଅଙ୍ଗ ମାନ....
ବଙ୍କର୍ ଭିତରୁ ବାହାରି
ଅଙ୍ଗ ସବୁ ତୋଳି, ଯୋଡ଼ି
ଝିଅକୁ କୋଳେଇ ନେବାକୁ
ଶେଷଥର ପାଇଁ
ମାଆ ମନ ବ୍ୟାକୁଳ.....

ନେଇଯାଅ ସବୁ
ତୁମେ ନେଇଯାଅ,
ହେଲେ ଫେରେଇ ଦିଅ
ଯୋଡ଼ି ଦିଅ
ସେ ଛିଣ୍ଡା ମିଣ୍ଡା ଶରୀରକୁ
ଯୋଡ଼ି ଦିଅ
ଏଣେ ତେଣେ ଘାଣ୍ଟି ହୋଇଥିବା ପଜଲ୍ ଗୁଡ଼ିକୁ..
ଦିଅ ତାକୁ ଜୀବନ୍ୟାସ।
ଭବିଷ୍ୟତଟା
ଆଖି ଆଗରେ ତାଳ ଫୋଟକା
ଦେଖ ସେ ମାଆ ଆଖିକୁ
ଝରୁନି ଲୁହ
ପ୍ରତ୍ୟେକ ଠୋପାରେ
ସ୍ନେହ, ପ୍ରେମ, ପ୍ରୀତି
ରକ୍ତ ସହ ଝରିପଡେ.....
ଅସମ୍ଭାଳ ମାଆ ମନ
ଟାଣି ଆଣେ
ଗୋଟେଇବାକୁ
ସେ ଅସଜଡ଼ା ପଜଲ୍ ମାନଙ୍କୁ
ଜୀବନ୍ୟାସ ନୁହେଁ



ଶେଷ ଥର
ଛୁଇଁବାକୁ
ଦେଖିବାକୁ
ସେ ନିଷ୍ପ୍ରଭ ଚିବୁକରେ
ପ୍ରେମ ଚୁମ୍ବନ ର ଗାର
ଆଙ୍କିବାକୁ....
ମିଶାଇଲ ଏତେ ସବୁ ଦେଖେନି....
ପୁଣି ଥରେ ଗଢି ଦିଏ
ଆଉ ଏକ ଅସଜଡା ପଜଲ୍...
ପୂର୍ବ ଅସଜଡ଼ା ପଜଲରେ ମିଶିଯାଏ
ଏକାକାର ମାଆ ଝିଅଙ୍କ ଶରୀର....
ପୁଣି କିଛି ଶରୀରକୁ ଅପେକ୍ଷା
କରିବାକୁ ଜଟିଳ ପଜଲ୍।

**ଜୟନଗର, ରାଜକନିକା**

**କେନ୍ଦ୍ରାପଡ଼ା**



# ରକ୍ତ

ରୋଜାଲିନ ବେହେରା



ଏଇ ରକ୍ତରେ କୁଆଡେ ସବୁଥାଏ
ବଂଶ ପରିଚୟ ଠୁଁ
ଆଦବ କାଇଦା ଯାଏଁ,
ଅଭିମାନୀ ସ୍ୱାଭିମାନୀ
ଗଉଁମାରି ଖୁମାଣି
ଆହୁରି କେତେ କଣ।

ରକ୍ତ ପୁଣି ଟିପ୍ପଣୀ ଦିଏ
କିଏ ଖାନଦାନି କିଏ ହିନିମାନି,
ରଜା ଛୁଆ ପୁଣି ପ୍ରଜା ଛୁଆ
ଜାତିଆଣି ଆଉ ଅଜାତିଆଣି
ଏ ରକ୍ତଟା ପୁଣି ଏତେ କଥା କୁହେ।

ରକ୍ତରେ ହିଁ ଥାଏ ବୀରତ୍ୱ ଆଉ
ବଡିମାପଣର ଗାଥା
ବିପ୍ଳବର ଛଟା,
ପୁଣି ସେଇ ରକ୍ତରେ ମିଶିଥାଏ
ଦିପ ଦିପ କରି ଲିଭି ଯାଇଥିବା
ଗୋଟେ ପରାଜିତ ମଣିଷର କଥା।

ରକ୍ତ ଅନେକ କଥା କୁହେ
ରକ୍ତରୁ ହିଁ ଚିହ୍ନିହୁଏ କୁଆଡେ
ଅଭାଗିନୀର ବେଦନା ଠୁଁ
ସୁହାଗିନୀର ସଉକ ଯାଏଁ,,
ଅପୋଛା ଅପମାନ ଠୁଁ
ଆଦର ସୋହାଗ ଯାଏଁ ।

ରକ୍ତରେ ଭଗାରିତାର ଲାଭା
ପୁଣି କେତେ କେତେ
କୁଟୁମ୍ବିତାର ଛଟା,
ତୋର ମୋର ତା'ର ୟା'ର ର
ମପାଚୁପା ଅନ୍ତରଙ୍ଗତା।

ମୋ ଦେହର ରକ୍ତରେ
କିନ୍ତୁ କାଲିର ଅସହାୟତା
ମୁଠା ମୁଠା ବିବଶତା,
ସ୍ୱାଭିମାନର ଡହକ
ପୁଣି ଅଭିମାନର ତାତି
ହାରିବାର କଷ୍ଟ
ଆଉ ହରେଇବାର ଭୀତି।

# ଜାଣେନା ମୁଁ

ଅର୍ପିତା ମିଶ୍ର



ଜାଣେନା ମୁଁ
କାହିଁକି ଫେରେ
ପଛକୁ ପୁଣିଥରେ,
ମୁଁ ଫେରିଲେ ଅଟକି ଯାଆନ୍ତି
ଆଗକୁ ବଢୁଥିବା ମୋ ପାଦ,
ତଥାପି ହୃଦୟ ବାନ୍ଧି ରଖିବାକୁ ଚେଷ୍ଟା କରେ
ସମୟର ସବୁ କଣ୍ଟା ।

ଅତୀତ ଅସମର୍ଥ ଚାଲିବାକୁ
ବର୍ତ୍ତମାନ ର ହାତ ଧରି,
ମୁଁ କିନ୍ତୁ ଛାଡ଼ି ପାରେନା
ଧୂଳିଆ ଜାମା ପିନ୍ଧି ମୋତେ ପଛକୁ ଟାଣୁଥିବା
ମୋ ପିଲାଦିନକୁ;
ଜାଣେନା କାହିଁକି
ଯୌବନର ରଙ୍ଗ ମାନଙ୍କ ଭିତରେ
ମୁଁ ଏବେ ବି ଖୋଜିବୁଲେ
ସେଇ ବିଦ୍ୟାଳୟର ଗୋଟିଏ ଝଲକ
ଯିଏ ସାଙ୍ଗ ମାନଙ୍କ ସହ ତୂଳୀ ଧରି ଆଙ୍କିଥିଲା
ମୋ ବାଲ୍ୟଜୀବନ ।

କେତେ ଥର ଭାଙ୍ଗିଛି
ଏଇ ବିଶ୍ୱାସ ଟା,
ବାଧ କରିଛି ମୋତେ ଦେବାପାଇଁ
ପୁଣି ନ ଗଢ଼ିବାର ପ୍ରତିଶ୍ରୁତି;
କିନ୍ତୁ ପ୍ରତି ପ୍ରଭାତ ର ନବୀନ ସୂର୍ଯ୍ୟ ପରି
ଉଦୟ ହୁଏ ମୋ ମନରେ
ନୂଆ ବିଶ୍ୱାସଟିଏ,
କାହିଁକି? ଜାଣେନା ମୁଁ !
ହେଲେ ତା'କୁ ଦେଖି ପୁଣି ଫୁଟେ
ଝାଉଁଳି ପଡିଥିବା ଆତ୍ମବିଶ୍ୱାସ ।

କିଏ ଭରେ ଏତେ ରଙ୍ଗ
ପ୍ରକୃତି ଦେହରେ!
ଜାଣେନା ମୁଁ,
ତଥାପି ଲାଗେ ସତେକି
ସେମାନଙ୍କ ଠାରେ ପ୍ରତିଫଳିତ
ଜୀବନଯାତ୍ରାର ବିଭିନ୍ନତା
ଏବଂ ବିଭିନ୍ନତାରେ ସମ୍ପୂର୍ଣ୍ଣତା।

ମୟୁରଭଞ୍ଜ

# ଜାତିସଂଘ କାହା ଇସାରାରେ

**ଅନସୂୟା ପଣ୍ଡା**



ଜାତିସଂଘ କ'ଣ କେବଳ ନାମଟିଏ!

ନା ସ୍ଲିପର ସେଲରେ ଶୋଇଥିବା ପ୍ରହସନଟିଏ!

ଅବା ଗୋଟେ ନିଃଶ୍ୱାସ ଶୂନ୍ୟ,

ବିବେକ ବିଦୀର୍ଣ୍ଣ ପାଷାଣ ପଥରଟିଏ!

ମନରେ ଅଜସ୍ର ପ୍ରଶ୍ନର ତରଙ୍ଗ

ଅଶାନ୍ତ ଭାବରେ ହାବୁକା
ମାରନ୍ତି।

ସତେରେ କଣ ଜାତିସଂଘ
କ୍ଷମତା ସମ୍ପନ୍ନ ରାଜାଟିଏ!

ନା ରାସ୍ତାରେ ଖଣ୍ଡା
ଢାଲରେ ସୁସଜ୍ଜିତ
ବିବାକ୍ୟ ମୂର୍ତ୍ତିଟିଏ

ଯିଏ ଠିଆ ହେଇଥାଏ
ନିର୍ବିବାଦରେ

ଝଡ ବତାସ ଅତ୍ୟାଚାର ଅରାଜକତାରେ

ଅନ୍ଧ ମୁକ ବଧିର ଗତିହୀନ ଭାବଧାରରେ

ବିନା ପ୍ରତିରୋଧରେ କି ପ୍ରତିଦ୍ୱନ୍ଦିତାରେ।

ସବୁ ବିଧ୍ୱଂସକୁ  ଚଳଚ୍ଚିତ୍ରର କାହାଣୀ ପରି ଦେଖୁଥାଏ

ସ୍ୱାର୍ଥ ସର୍ବସ୍ୱ ସୁବିଧାବାଦୀ କୂଟନୀତି ରାଷ୍ଟ୍ରଙ୍କ ଇସାରାରେ

ଆଫଗାନିସ୍ତାନରେ  ତାଲିବାନ ବିଭତ୍ସ ସଂହାର ଲୀଳାରେ

ଲଦାଖରେ ଚାଇନାର ବିଶ୍ୱାସଘାତୀ ସୀମାଲଘଂନ
ଫନ୍ଦିରେ

ଆନ୍ତର୍ଜାତିକ ସମ୍ପର୍କ ବିଗିଡିଯିବାର ସମ୍ଭାବନାରେ

ହଲୁନଥିଲା ପାଦୁଟିଏ ନିଷ୍ପ୍ରଭରେ କାଳକ୍ଷେପଣ ନୀତିରେ।

ଆଜି ପୁଣି ଆଉ ଏକ ଭୟଙ୍କର
ନରସଂହାର

ୟୁକ୍ରେନ ରୁଷିଆ ଦୁଇ ପଡୋଶୀ
ଭିତରେ

ଏକ ଗରୀୟାନ ରାଷ୍ଟ୍ର ବିଘଟନର
ତିନି ଦଶନ୍ଧିପରେ

ଦୟନୀୟ ଯୁଦ୍ଧ ଲଢୁଛି ଛୋଟ
ଦେଶଟେ ଶୂନ୍ୟ ସହାୟତାରେ

ଗୋଟେ ସମାଧାନର ସୂତ୍ର ପାଇଁ
ବିଶ୍ୱଶାନ୍ତିର ଏଷଣାରେ

ଜାତିସଂଘ ସେମିତି ନିଶ୍ଚେତ ନିଦାବିଷ୍ଟପରି ନାଟୋର
ଫାଟରେ

ପୀଡନ ଭୟ ଆତଙ୍କର ସାର୍ବିକ ଅନ୍ତ ପାଇଁ

ସମାକୁଳ ଜାତିସଂଘ କ'ଣ ଅପ୍ରତିଭ ଛବିଟିଏ?

ବିଶ୍ୱଶାନ୍ତି କଥା ନ କହି,  ଶୀତ ତାପ ନିୟନ୍ତ୍ରିତ ଘରେ ରହି

ପରିବେଶ ପ୍ରଦୂଷଣ ରୋକିବାକୁ ବୈଠକ ବସାଏ
ତିଆର ଅଭୟ ବିଶ୍ୱାସ, ଉଡାଅ ଶୃଙ୍ଖଳାର ଚିରାଳ ସଭିଏଁ
ବାଛନ୍ଦ କର ତା'କୁ ରକ୍ତପାତରେ ଗୃହଯୁଦ୍ଧ ଯେ କରୁଛି ଆଜିଯାଏ ।

ଉଠ ଜାଗ୍ରତ ହୁଅ ନୃପତ୍ଵର ଡିଣ୍ଡିମ ପିଟୁଥିବା ମହାନାୟକ,
ମୁଷ୍ଟିମେୟ ଜାତିସଂଘର ତୁଙ୍ଗ ରାଷ୍ଟ୍ରନେତା ପଥପ୍ରଦର୍ଶକ
ଅନିର୍ଯାପ ଅନୁକ୍ତ କ୍ଷମତାର ବଳାହକ, ନ ସାଜି ଦର୍ଶକ

ଅନ୍ଧପୁତୁଳି ବୋହୂଚୋରି ଛୁଆ ଖେଳ ନ ଖେଳି ଆଉ
ଶାନ୍ତିର କପୋତ ଉଡା ବିଶ୍ୱେ ବେଳ ଥାଉ ଥାଉ
ମହାମାରୀ କରୋନା ପରି ଏ ଯୁଦ୍ଧ ଘାତକ ନ ହେଉ।

**ବୁର୍ଲା, ସମ୍ବଲପୁର**



# ସମୟର ଚକ୍ର

## ଶୁଭ୍ରାଂଶୁ ଶେଖର ପଟନାୟକ



ଥିଲି କାଲି ପ୍ରଜାପତି ବୋଲି,
ମୋତେ କେତେ ଭଲ ପାଉଥିଲ।
ଆଜି ସଂମ୍ବାଳୁଆ ବୋଲି,
ମୋ ରୂପକୁ ଏତେ ଘୃଣା କଲ।

ଥିଲି କାଲି ବଗିଚାର ଗଛଟିଏ ବୋଲି,
ମୋର ଫୁଲ ଫଳକୁ ଭଲ ପାଉଥିଲ।
ଆଜି ମରୁଭୁମିର କାକଟସ୍ ବୋଲି,
ମୋର କଣ୍ଟାରୂପକୁ ଘୃଣା କଲ।

ଥିଲି କାଲି ସାଗର କୂଳର ପାଣି ବୋଲି,
ମୋର ଲହଡିକୁ ଭଲ ପାଉଥିଲ।
ଆଜି ସମୁଦ୍ର ଗର୍ଭର ପାଣି ବୋଲି,
ମୋର ଅସ୍ଥିରତାକୁ ଘୃଣା କଲ।

ଥିଲି କାଲି ହିମ ପାହାଡ଼ ବୋଲି,
ମୋର ବରଫକୁ ଭଲ ପାଉଥିଲ।
ଆଜି ନଦୀର ପାଣି ବୋଲି,
ମୋର କୋମଳତାକୁ ଘୃଣା କଲ।

ଥିଲି କାଲି ଶୀତରତୁର ଖରା ବୋଲି,
ମୋର ଉଷ୍ମତାକୁ ଭଲ ପାଉଥିଲ।
ଆଜି ଗ୍ରୀଷ୍ମ ଋତୁର ଖରା ବୋଲି,
ମୋର ଉତ୍ତାପକୁ ଘୃଣା କଲ।

ଥିଲି କାଲି ମଳୟ ପବନ ବୋଲି,
ମୋ ପ୍ରବାହକୁ ଭଲ ପାଉଥିଲ।
ଆଜି ଝଡ଼ ବତାସର ପବନ ବୋଲି,
ମୋର ବେଗକୁ ଘୃଣା କଲ।

ମୁଁ ପରିବର୍ତ୍ତନଶୀଳ ନୁହେଁ,
କେବଳ ମୋ ରୂପ ହୁଏ ପରିବର୍ତ୍ତନ।
ସମୟର ଚକ୍ରରେ ମୁଁ ହେଉଥାଏ,
ସଦା ସର୍ବଦା ଘୂର୍ଣ୍ଣାୟନମାନ।

ଭଲ ପାଇବା ଘୃଣା କରିବା,
ଅଟେ ସବୁବେଳେ କ୍ଷଣସ୍ଥାୟୀ।
ସମୟର ତାଳେ ତାଳେ ହୃଦୟ,
କେବେ ପରାଜୟୀ କେବେ ବିଜୟୀ।

**ଶ୍ରୀକରଣ ସାହି, ପାରଳାଖେମୁଣ୍ଡି**

# ପ୍ରଶ୍ନ

ଅଲିଭା ମହାରଣା



ଅଧର ଟା ଦିନେ ଆଖିକୁ କହିଲା
କୁହ ଆଖି ତୁମେ କୁହ
ସମସ୍ତଙ୍କୁ ମୁଁ ହସ ବାଣ୍ଟୁଥାଏ
ତୁମେ କାଇଁ ବାଣ୍ଟ ଲୁହ ।।

ଅଧର କୁ ଚାହିଁ ଆଖି କହେ ହସି
ମୋ ପାଖେ ଉତ୍ତର ନାହିଁ
ହୃଦୟକୁ ଯାଇ ଏ ପ୍ରଶ୍ନ ପଚାର
ସେ ଏକା ପାରିବ କହି ।।

ହୃଦୟକୁ ଯାଇ ଅଧର ପଚାରେ
କୁହ ହେ ହୃଦୟ କୁହ
ଅଧର ରୁ କାଇଁ ହସ ଝରେ ସଦା
ଆଖିରୁ ଝରଇ ଲୁହ ।।

ଅଧର କୁ ଚାହିଁ ହୃଦୟ କହୁଛି
ମୋତେ ଯେବେ କଷ୍ଟ ହୁଏ
ଅଦିନ ଶ୍ରାବଣ ଆଖିରୁ ଝରଇ
ଆଖି ଖାଲି ଭିଜି ଯାଏ ।।

ଅଧର ପଚାରେ ହୃଦୟକୁ ପୁଣି
ତୁମେ କେଉଁ କଷ୍ଟ ପାଅ
କିଏ ସେ ତୁମକୁ କେଉଁ କଷ୍ଟ ଦିଏ
ମୋ ଆଗରେ ଥରେ କୁହ ।।

ମଣିଷ ଟା ପରା ପ୍ରେମ କରେ ଏଠି
ହୃଦୟକୁ କଷ୍ଟ ଦେଇ
ବିରହ ବେଦନା ଆଉ ଯେତେ କଷ୍ଟ
ପାରେନା ହୃଦୟ ସହି ।।

ହୃଦୟକୁ ଯେବେ କଷ୍ଟ ହେଇ ଥାଏ
ପାରେ ନାହିଁ ସିଏ ସହି
ଆଖି ମଧ୍ୟେ ଥିବା ଅଦିନ ଶ୍ରାବଣ
ଲୁହ ହେଇ ଯାଏ ବହି ।।

**ନରସିଂହପୁର , କଟକ**



# ଚେହେରା ଏକ ପରିଚୟ ନୁହେଁ

**ଦିପ୍ତିମୟୀ ଶତପଥୀ**



ଚେହେରା ଏକ ଛଦ୍ମ ବେଶ ଭୂଷା ଧାରି
ପରିଚୟ ନୁହେଁ
ତା ଭିତରେ ଲୁଚି ଥାଏ ଅନେକ ଭାବନାର କୋହ
ବୁଝିବାକୁ ସଙ୍କା ରହିଯାଏ ।
ଲୋକ କୁହନ୍ତି ଚେହେରା ଏକ ପରିଚୟ
ରକ୍ତ, ମାଂସ,କଙ୍କାଳକୁ ନେଇ ଦେହର ଏକ ଅଙ୍ଗ।
କିନ୍ତୁ ଅଙ୍ଗ ତ ପରିଚୟ ର ମାପକାଠି ନୁହେଁ
ଯଦି ଚେହେରା ପରିଚୟର ସତ୍ତା ହୋଇ ଥାଆନ୍ତା
ପ୍ରେମର ପ୍ରତ୍ୟାଖାନରେ ଏସିଡ ପକାଇ ତାକୁ
ଜଳି ପୋଡ଼ି ପାଉଁଶ କରି ତାର ଅସ୍ତିତ୍ୱ ଲିଭି ଯାଇଥାନ୍ତା।



ଚେହେରା ଏକ ପରିଚୟ ନୁହେଁ କାରଣ
ଅନବରତ ଭାବେ ହସୁଥିବା ଚେହେରା ପଛର ଦୁଃଖ
କେତେଜଣ ବୁଝିବାକୁ ଚେଷ୍ଟା କରିଛ?
ଯଦି ଚେହେରା ଦେଖି ଲୋକ ପସନ୍ଦ କରନ୍ତି ତାହା ଭୁଲ
ଗୋଟେ ଦେହଜୀବୀର ସୁନ୍ଦର୍ ଚେହେରା ଥାଇ ମଧ
ଯୌବନ ଲାଳସାରେ ଶରୀରକୁ ଖିନଭିନ୍ କରି
ତାର ସୁନ୍ଦର ଚେହେରାକୁ ଭୁଲି ଯାଇଥାଅ ।
ସୁନ୍ଦର୍ ଚେହେରା ଯଦି ଚରିତ୍ରର ମାପକାଠି ହୋଇ ଥାଆନ୍ତା
ଗୋଟେ ସ୍ତ୍ରୀର ଚେହେରା ଦେଖି ତାର ଶରୀର କୁ
କ'ଣ ପାଇଁ ନିଜ ଦୂଷିତ ଆଖିରେ ନଗ୍ନ କରୁଛ ?
ନିଜ ମନ ଦର୍ପଣରେ ଥରେ ନିଜ କୁ ଦେଖ
ହେ ମହାନ ପୁରୁଧା ଗଣ ଯେଉଁମାନେ କହିଯାଇଥିଲ
ଭେକ ଦେଖି ଏଠି ଭିକ ମିଳେ ବୋଲି ।
ଚେହେରା ଆଉ ପରିଚୟର ମାପକାଠି ନୁହେଁ
ସୁନ୍ଦର୍ ଚେହେରା ର ଅବଧି କିଛି କାଳ ପର୍ଯ୍ୟନ୍ତ
କିନ୍ତୁ ସେଇ ଚେହେରା ପଛରେ ଲୁଚି ଥିବା ମଣିଷର
କୀର୍ତ୍ତି ରହି ଯାଏ ଚିର କାଳ ପର୍ଯ୍ୟନ୍ତ ।

**ଢେଙ୍କାନାଳ**

# କେତେଦିନ ଡ଼ରୁଥିବ?

ଜୟନ୍ତ କୁମାର ମଲ୍ଲିକ



ବୈଶାଖ ମାସରେ ସମୁଦ୍ର କୂଳରେ
ବସିଥିଲେ ଦୁହେଁ ଦିନେ
ସଲଜ୍ଜେ ଚୁମିଲ ଅଧରକୁ ମୋର
ଅଛି ଗୋ ତୁମ ମନେ ।
କେମିତି ଭୁଲିବି ସେ ଦିନର ସ୍ମୃତି
ପୂର୍ଣ୍ଣମୀ ରାତିର କଥା
ଦୁନିଆକୁ ଡରି ଲୁଚିଛପି ଆମେ
କରିଥିଲେ ଦୁହେଁ ଦେଖା ।
ବକ୍ଷକୁ ମୋହର ଛୁଇଁଥିଲା ତୁମ
ଅମାନିଆ ଦୁଇ ହାତ
ଭିଡିଧରି ମୁହିଁ କାନେ କହିଥିଲି
ବଢୁଛି ଦେହେ ଉତ୍ତାପ ।
ନିରବରେ ତୁମେ ମୋ ଆଖିକୁ ଚାହିଁ
ପ୍ରଣୟରେ ଥିଲ ହଜି
ପ୍ରେମ ପଥେ ଟିକେ ଆଗେଇ ଯିବାକୁ
ହେଲ ନାହିଁ ତୁମେ ରାଜି ।
କେତେଦିନ ଆଉ ସମାଜକୁ ତୁମେ
ଡରୁଥିବ ଏହି ଭଳି
ଚାଲ ଆମେ ଆଜି ଏ ସମାଜ ଛାଡି
ଦୂରଦେଶେ ଯିବା ଚାଲି ।

**ହଳଦିଆପାଟଣା, ବେଣୀପୁର, କେନ୍ଦ୍ରାପଡ଼ା**



# ଆମ ହାଣ୍ଡିଶାଳ



# ଛେନାପୋଡ଼



ପ୍ରସ୍ତୁତି
**କାଞ୍ଚନଲତା ତ୍ରିପାଠୀ**
ଅସୁରେଶ୍ୱର, କଟକ



## ଆମ ହାଣ୍ଡିଶାଳ



# ଛେନାପୋଡ଼

### ଆବଶ୍ୟକୀୟ ଉପାଦାନ :

- କ୍ଷୀର ( ଛେନା ପ୍ରସ୍ତୁତ କରିବା ପାଇଁ )
- ଲେମ୍ବୁରସ/ ଭିନେଗାର/ ଛେନାପାଣି
- ସୁଜି
- ଚିନି
- କାଜୁ
- ଗୁଜୁରାତି ଗୁଣ୍ଡ
- ଅଳେଇଚ ଗୁଣ୍ଡ
- ଘିଅ

### ପ୍ରସ୍ତୁତି ପ୍ରଣାଳୀ :

ପ୍ରଥମେ କ୍ଷୀରକୁ ଫୁଟାଇ ସେଥିରେ ଲେମ୍ବୁରସ, ଛେନାପାଣି କିମ୍ବା ଭିନେଗାର ପକାଇ ଛିଡ଼ାଇଦେବେ। ଛିଡ଼ାଇବା ପରେ ଛେନା କୁ କିଛି ସମୟ ଥଣ୍ଡା କରିବାକୁ ଛାଡ଼ିଦେବେ। ଥଣ୍ଡା କରି ସାରିବା ପରେ ତାହାକୁ କପଡାରେ ଛାଣି ଦେବେ। ତା ପରେ ସେଥିରେ ଚିନି, ଅଳ୍ପ ମାତ୍ରାରେ ସୁଜି, କାଜୁ, ଗୁଜୁରାତି ଗୁଣ୍ଡ, ଅଳେଇଚ ଗୁଣ୍ଡ ଏବଂ ଘିଅ ପକାଇ ଭଲଭାବରେ ଚକଡିଦେବେ ଯେମିତି କି ସବୁ ଜିନିଷ ମିଶିଯିବ। ଏହାପରେ ଗୋଟିଏ ପାତ୍ରରେ କିଛି ଘିଅ ଲଗେଇ କଦଳୀପତ୍ର କିମ୍ବା ଶାଳପତ୍ର ପକେଇ ଦେବେ, ତା ପରେ ଛେନାକୁ ସେହି ପାତ୍ରରେ ଦେଇ ତା ଉପରେ ଏକ ଆବୁଜ୍ ଘୋଡଣୀ ଦେଇ କମ୍ ଆଞ୍ଚରେ ଚୁଲି କିମ୍ବା ଗ୍ୟାସ୍ ଉପରେ ବସେଇ ୧ ଘଣ୍ଟା ପାଇଁ ଛାଡ଼ିଦେବେ। ତା ପରେ ଆଞ୍ଚରୁ ଓହ୍ଲେଇ ୧୦-୧୫ ମିନିଟ୍ ଥଣ୍ଡା କରିବା ପାଇଁ ଛାଡ଼ିଦେବେ, ଦେଖିବେ ପ୍ରସ୍ତୁତ ହୋଇଯିବ ଆପଣଙ୍କର ଛେନାପୋଡ।

ପ୍ରସ୍ତୁତି - କାଞ୍ଚନଲତା ତ୍ରିପାଠୀ

Image Courtesy - ChefTZac



**ବଳକା ଛେନା ସବୁକୁ ପିମ୍ପୁଡ଼ି ଦାଉରୁ ରକ୍ଷା କରିବା ପାଇଁ ସୁଦର୍ଶନ ସାହୁ ଅର୍ଦ୍ଧଦଗ୍ଧ ନିଆଁ କାଠକୁ ସେହି ପାତ୍ର ଚାରିପଟେ ରଖିଦେଇଥିଲେ। ସକାଳୁ ଉଠି ଦେଖିଲେ ଛେନା ସବୁ ପୋଡି ଯାଇଛି। ପ୍ରଥମେ ଭାବିଲେ ଏ ସବୁ ନଷ୍ଟ ହୋଇଗଲା, ହେଲେ ଟିକିଏ ଚାଖି ଜାଣିଲେ ଯେ ଏହା ସ୍ୱାଦିଷ୍ଟ ଲାଗୁଛି। ଏହିପରି ଭାବେ ସୃଷ୍ଟି ହେଲା "ଛେନାପୋଡ଼"। ଏହା ପରେ ପରୀକ୍ଷା ନିରୀକ୍ଷା ଆରମ୍ଭ ହେଲା, ଗରାଖ ବି ଖୁବ୍ ପସନ୍ଦ କଲେ। ଆଜି ସାରା ବିଶ୍ୱବାସୀ ଏହାକୁ ଖୁବ୍ ପସନ୍ଦ କରନ୍ତି।**

## ଏଥର ଛେନାପୋଡ଼ର ପ୍ରସ୍ତୁତି ବିଷୟରେ ସୂଚନା ଦେଇଥିବା କାଞ୍ଚନାଲତା ତ୍ରିପାଠୀ ଜଣେ ସଫଳ ଛେନାପୋଡ଼ ବ୍ୟବସାୟୀ, ତେବେ ତାଙ୍କୁ ଏସବୁ ପାଇଁ ପ୍ରେରଣା କେଉଁଠାରୁ ମିଳିଥିଲା ଜାଣନ୍ତି କି ?



କରୋନା ମହାମାରୀରେ ସମସ୍ତେ ପ୍ରଭାବିତ ହୋଇଥିଲେ ସେମାନଙ୍କ ମଧ୍ୟରେ ଅନେକ ଦୁଗ୍ଧ ବ୍ୟବସାୟୀ ମଧ୍ୟ ଥିଲେ। ସେ ଜଣେ ଦୁଗ୍ଧ ସମିତିର ସମ୍ପାଦିକା। ମହାମାରୀ ସମୟରେ ଦୁଗ୍ଧ ସମବାୟ କେନ୍ଦ୍ର ଦୁଗ୍ଧ ନେବାର ପରିମାଣ ହ୍ରାସ କରିଦେଲା। ତାଙ୍କ ସମିତିକୁ ଆସୁଥିବା କ୍ଷୀରର ପରିମାଣ ତା ତୁଳନାରେ ଅଧିକ ହେଇଯାଇଥିଲା ତେଣୁ ସେହି ଦୁଗ୍ଧ କିପରି ଠିକ୍ ଭାବରେ ବ୍ୟବହାର କରାଯାଇପାରିବ ଓ କିପରି ଭାବେ ସମସ୍ତ ଦୁଗ୍ଧ ଉତ୍ପାଦନକାରୀ ନିଜ ପେଟ ପୋଷଣ କରିପାରିବେ ସେହି କଥା ଚିନ୍ତା କରି ସେ କୌଣସି ଦୁଗ୍ଧ ଉତ୍ପାଦନକାରୀଙ୍କ କ୍ଷୀର ନ ଫେରାଇ ସେହି କ୍ଷୀରରେ "ଛେନାପୋଡ଼" ପ୍ରସ୍ତୁତ କରିବା ଆରମ୍ଭ କରିଥିଲେ। ଯାହା ଦ୍ୱାରା କ୍ଷୀର ନଷ୍ଟ ହେଲା ନାହିଁ କି କିଛିଲୋକ ବେକାରୀର ସମ୍ମୁଖୀନ ହେଲେ ନାହିଁ। ଏହି ବ୍ୟବସାୟରେ ସ୍ଥାନୀୟ ଲୋକମାନଙ୍କର ଏବଂ ଗ୍ରାହକଙ୍କର ଭଲ ପ୍ରତିକ୍ରିୟା ମଧ୍ୟ ମିଳିଥିଲା।


"ଛେନାପୋଡ଼" ବ୍ୟବସାୟ କାଞ୍ଚନଲତା ତ୍ରିପାଠୀଙ୍କ ପାଇଁ ସଫଳତା ଆଣିବା ସହ ରୋଜଗାରର ଏକ ପନ୍ଥା ଦେଖାଇଲା।

Image Courtesy - ChefTZac



# ଶିକାର

## ଭଗବତୀ ଚରଣ ପାଣିଗ୍ରାହୀ



କବିଚନ୍ଦ୍ର କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ କନିଷ୍ଠ ଭ୍ରାତା ତଥା ଓଡ଼ିଶାରେ ବାମପନ୍ଥୀ ଆନ୍ଦୋଳନର ଜଣେ କର୍ଣ୍ଣଧାର ସହିତ ଜଣେ ପ୍ରଗତିଶୀଳ ଲେଖକ ଭାବେ ଭଗବତୀ ଚରଣ ପାଣିଗ୍ରାହୀ(୧୯୦୮-୧୯୪୩) ପରିଚିତ। ମାତ୍ର ୩୫ ବର୍ଷର ଜୀବନକାଳ ମଧ୍ୟରେ ଓଡ଼ିଶାର ଦଳିତ, ନିଷ୍ପେଷିତ ଏବଂ ଜନଜାତିମାନଙ୍କ ପାଇଁ ସଂଗ୍ରାମ କରିଥିବା ଭଗବତୀ ଚରଣଙ୍କ ଶିକାର ସମେତ ମିମାଂଶା, ମୃତ୍ୟୁର ଚେତନା, ଝଡ଼ ଓ ମଜଲିସ୍ ଆଦି କ୍ଷୁଦ୍ରଗଳ୍ପ ବେଶ୍ ଲୋକପ୍ରିୟ। ତାଙ୍କର ଗଳ୍ପଗୁଡ଼ିକ ସେତେବେଳର ବୁର୍ଜୁଆମାନଙ୍କର ଭିତ୍ତିଭୂମିକୁ ଗଭୀର ଭାବେ ଆଘାତ କରିଥିଲା।

ସେ ଅଞ୍ଚଳରେ ଘିନୁଆର ନାମ ବିଖ୍ୟାତ। ଶିକାରୀ ହିସାବରେ ଜଣା। ତା'ର ପ୍ରଥମ ଅସ୍ତ୍ର ନିଜର ହାତ ତିଆରି ଧନୁଶର। ସେ ତୀର ମାରିଲା ବେଳେ ଚିତ୍ ହୋଇ ଶୋଇପଡ଼େ, ବାଁ ପାଦଟି ଧନୁରେ ଲଗାଇ ଦେଇ କାନ ପର୍ଯ୍ୟନ୍ତ ତୀରଟି ଟାଣି ନେଇ ଛାଡ଼ିଦିଏ। ମାଇଲିଏ ଦୂରରୁ ତୀର ମାରି ସେ ଲାଖ ବିନ୍ଧିପାରେ। ଏଇ ଧନୁଶର ସାହାଯ୍ୟରେ ସେ ହରିଣ, ସମ୍ବର, ବାରହା, ଭାଲୁ ମାରିଛି ଅଗଣନ; ଚିତାବାଘ ବି ମାରିଛି ଅନେକ। କିନ୍ତୁ ମହାବଳ ମାରିଛି ମୋଟେ ଦୁଇଟି। ମହାବଳ ଦୁଇଟି ମାରି ସେ ଡେପୁଟି କମିଶନଙ୍କଠାରୁ ବେଶ୍ ପୁରସ୍କାର ପାଇଛି ମଧ୍ୟ।

ସେଦିନ ଭୋରରୁ ସେ ଏକ ଅଦ୍ଭୁତ ଶିକାର ନେଇ ଡେପୁଟି କମିଶନରଙ୍କ ବଙ୍ଗଳା ପାଖରେ ହାଜର। ଗୋଟିଏ କାନ୍ଧରେ ତା'ର ଧନୁଟି ଝୁଲିଛି, ହାତରେ ଦି'ତିନିଟା ତୀର, ଆଉ କାନ୍ଧରେ ଟାଙ୍ଗିଆଟି ପଡ଼ିଛି। ଘିନୁଆକୁ ଏ ବେଶରେ ଦେଖି ଅର୍ଦ୍ଦଳି ପଚାରିଲା- 'କିରେ, ଆଜି କି ଶିକାର ଆଣିବୁ ?'

ଘିନୁଆ ସଙ୍ଗେ ତା'ର ଭଲ ଜଣାଶୁଣା। ତା'ର ବକ୍‌ସିସର ଅଂଶୀଦାର ସେ କେତେଥର ହୋଇଛି। ଉତ୍ତରରେ ଘିନୁଆ ତା' ମଇଳା ଦାନ୍ତ ଦୁଇଧାଡ଼ି କେବଳ ଦେଖାଇଲା। ସେ ହସିଲା କି ଖେଁକିଲା ଜାଣିବାର ଉପାୟ ନାହିଁ। ପ୍ରକୃତରେ ହସ ବୋଲି ଯାହାକୁ କୁହାଯାଏ, ଘିନୁଆ ଠାରେ ତାହା କେହି କେବେ ଦେଖି ନାହିଁ। ବେଳେବେଳେ ସେ ଏହିପରି ଦାନ୍ତ ଦେଖାଏ। ତାହା ହସ ନୁହେଁ କି କାନ୍ଦ ନୁହେଁ- କେବଳ ଦାନ୍ତ ଦେଖା।

ଅର୍ଦ୍ଦଳି ପଚାରିଲା, 'କି ବେ, କି ଶିକାର ଆଣିଚୁ ?'

ଘିନୁଆ ତାହାର ଗାମୁଛାରେ ବନ୍ଧା ହୋଇଥିବା ଗୋଟିଏ ପଦାର୍ଥକୁ ଦେଖାଇ କହିଲା ଯେ ସେ ଆଜି ଏକ ମସ୍ତ ଜାନୁଆର ଶିକାର କରିଛି।

ଅର୍ଦ୍ଦଳି ପଚାରିଲା, 'ବାଘ' ?

ଘିନୁଆ ମୁଣ୍ଡ ହଲାଇ ନାହିଁ ଜଣାଇଲା।

'ତେବେ କ'ଣ, ଚିତା... ଭାଲୁ...ବାର୍‌ହା.. ?'

ଘିନୁଆ କେବଳ ମୁଣ୍ଡ ହଲାଇଗଲା।

'ଆଉ ତେବେ କ'ଣ ବେ ?'

ଗୋଳମାଳ ଶୁଣି ସାହେବ ବଙ୍ଗଳା ଭିତରୁ ବାହାରି ଆସିଲେ। ଘିନୁଆ ମୁଣ୍ଡିଆମାରି ସାହେବଙ୍କୁ ସେହିପରି ଦାନ୍ତ ଦେଖାଇଲା। ସାହେବ ଶିକାରର ଚେହେରାକୁ ଦେଖିବାକୁ ଔତ୍ସୁକ୍ୟ ପ୍ରକାଶ କରିବାରୁ ଘିନୁଆ ଗାମୁଛା ଭିତରୁ ବାହାରକରି ସାହେବଙ୍କ ପାଦ ତଳେ ଥୋଇଲା ଗୋଟିଏ ସଜକଟା ମଣିଷ ମୁଣ୍ଡ। ସାହେବ ଚମକି ପଡ଼ି ପାହୁଣ୍ଡେ ହୁଇ ପାହୁଣ୍ଡେ ପଛେଇଗଲେ। ଘିନୁଆ ହାତ ବଢ଼ାଇ ମାଗିଲା, 'ସାହେବ, ବକ୍‌ସିସ୍।' କିଛିକ୍ଷଣ ପରେ

ମନକୁ ସମ୍ଭାଳିନେଇ ସାହେବ ଘିନୁଆକୁ ବକ୍‌ସିସ୍ ପାଇଁ ଅପେକ୍ଷା କରିବାକୁ ଇସାରା କଲେ ଏବଂ ଭିତରକୁ ଯାଇ ଫୋନ୍ ଦ୍ୱାରା ସଶସ୍ତ୍ର ପୋଲିସ ଫୌଜ ଡକାଇଲେ। ଏହା ବ୍ୟତୀତ ଘିନୁଆକୁ ଜବତ୍ କରିବାର ଉପାୟ ନାହିଁ। ଦେହରେ ତା'ର ଗୋଟାଏ ଅସୁରର ବଳ। ହାତରେ ପୁଣି ତା'ର ଧନୁଶର ଓ ଟାଙ୍ଗିଆ ରହିଛି।

ଯେତେବେଳେ ହାତକଡ଼ି ଗୋଡ଼କଡ଼ି ପିନ୍ଧି ଘିନୁଅକୁ ହାଜତରେ ରହିବାକୁ ହେଲା, ସେ କିଛି ବୁଝିପାରିଲା ନାହିଁ। ତାକୁ ଏପରି ଭାବରେ ଅଟକାଇ ରଖିବାର ମତଲବ କ'ଣ ? ସୁବିଧା ପାଇଲେ ସେ କାହାରି କହାରିକୁ ଏ ବିଷୟରେ ପଚାରେ। କିଏ କହେ ତା'ର ଫାଶୀ ହେବ, କିଏ କହେ ସେ ଯିବ କଳାପାଣି। କାହିଁକି ? ସେ ଏମିତି କି ଅପରାଧ କରିଛି କି ? କିଛି ବୁଝି ନପାରି ସେମାନଙ୍କ କଥାକୁ ସେ ବିଶ୍ୱାସ କରିପାରିନାହିଁ। ଶେଷରେ ଦିନେ ଡେପୁଟି କମିଶନର ପରିଦର୍ଶନ କରିବାକୁ ଆସିଥିଲେ। ସେ ତାଙ୍କୁ ହିଁ ସବୁ ହାଲ୍ ପଚାରିଲା। ସେ କହିଲେ ଯେ ପୂର୍ବରୁ ସେ ବାଘ, ଭାଲୁ ମାରୁଥିଲା ବୋଲି ସଙ୍ଗେ ସଙ୍ଗେ ବକ୍‌ସିସ୍ ପାଉଥିଲା। ଏବେ ମାରିଛି ମଣିଷ। ଏଥର କି ବକ୍‌ସିସ୍ ପାଇବ ତାହା ପାଞ୍ଚ, ଛ'ଜଣ ତ ଫେର ବୁଝିବିଚାରି ଠିକ୍ କରିବେ। ଏହି କଥାଟା ହିଁ ଘିନୁଆ ମନକୁ ମାନିଲା।



ଯେଉଁଦିନ ତା'ର ବିଚାର ହେଲା, ଘିନୁଆ ମନେ ମନେ ଭାବିଲା, ସେଦିନ ତାକୁ ବକ୍‌ସିସ୍ ମିଳିବ। ସେ ଉତ୍ସାହିତ ହୋଇ ଜଜ୍‌ଙ୍କ ଆଗରେ ସବୁ ବିବରଣ କହିବାକୁ ଲାଗିଲା। ସେ ଯେ ଗୋବିନ୍ଦ ସର୍ଦାରକୁ ହାଣିଲା, ସେଥିପାଇଁ ତାକୁ କମ୍ କଷ୍ଟ କରିବାକୁ ପଡ଼ିନାହିଁ। ଆଉ ଅନେକ ଲୋକ ତାକୁ ମାରିବାକୁ ଛକିଥିଲେ, କିନ୍ତୁ କେହି ପାରିନଥିଲେ। ଗୋବିନ୍ଦ ସରଦାର, ଯେ ସବୁବେଳେ ମଟରରେ ଯିବାଆସିବା କରେ▯। ସେ ତା'ର ଧନ ସମ୍ପତ୍ତି କମେଇଛି ଅନ୍ୟ ସମସ୍ତଙ୍କୁ ଲୁଟିକରି। ବଡ଼ ସଇତାନ ଲୋକ ଥିଲା ସେ। କେତେ ଲୋକଙ୍କୁ ସେ ମାରିଛି, କେତେ ଲୋକଙ୍କୁ ଉଚ୍ଛନ୍ନ କରିଛି, କେତେ ସ୍ତ୍ରୀ ଲୋକଙ୍କର ଇଜ୍ଜତ ନେଇଛି, ତାହାର ଠିକଣା ନାହିଁ। ଘିନୁଆର ସବୁ ଜମିବାଡ଼ି ମଧ୍ୟ ନେଇ ନିଜର କରିଛି। ସେଦିନ ସନ୍ଧ୍ୟାରେ ଘିନୁଆର ସ୍ତ୍ରୀ ଉପରେ ଅତ୍ୟାଚାର କରିବାକୁ ବସିଥିଲା। ଏତେବଡ଼ ବହପ ! ଘିନୁଆକୁ ଦେଖି ମଟରରେ ପଳାଉଥିଲା। ତା' ହାବୁଡ଼ରୁ ଖସି ଚାଲିଯିବ ! ତା'ର ମଟର ଚକକୁ ତୀର ମାରି ଘିନୁଆ ମଟରକୁ ଅଚଳ କରିଦେଲା। ତା'ପରେ ଟାଙ୍ଗିଆରେ ତା'ର ମୁଣ୍ଡଟି କାଟିଦେଇ ସିଧା ଦୌଡ଼ିଲା, ରାତାରାତି ବଣ ଜଙ୍ଗଲ ଭିତରେ ଦେଇ। ତିରିଶ ମାଇଲ୍ ରାସ୍ତା ଏକା ନିଶ୍ୱାସକେ ଦୌଡ଼ି, ସେ ଡେପୁଟି କମିଶନରଙ୍କ ବଙ୍ଗଳା ପାଖରେ ହାଜର ହେଲା।

ଗୋବିନ୍ଦ ସର୍ଦାର ସାମାନ୍ୟ ଲୋକ ନୁହେଁ। ହାତରେ ତା'ର ଥାଏ ସବୁବେଳେ ବନ୍ଧୁକ। ବାଘ ଭାଲୁଙ୍କ ଅପେକ୍ଷା ଲୋକେ ତାକୁ ବେଶୀ ଭୟ କରନ୍ତି। ବାଘ-ଭାଲୁଙ୍କ ଅପେକ୍ଷା ସେ ଲୋକଙ୍କର କ୍ଷତିକରେ ଢେର ବେଶୀ। ତାକୁ ମାରିବା ପାଇଁ ଘିନୁଆ କମ୍ ସାହସ ଓ ବିଚକ୍ଷଣତା ଖର୍ଚ୍ଚ କରିନାହିଁ। କିଛି ବର୍ଷ ତଳେ ମେଳିଆ ଝପଟ ସିଂର ମୁଣ୍ଡ କାଟିଥିବାରୁ ସାହେବ ଡୋରାକୁ ପାଁଶ ଟଙ୍କା ବକ୍‌ସିସ୍

ଦେଇଥିଲା। ଝପଟ ସିଂ ତ ଏକରକମର ଭଲ ଲୋକ ଥିଲା। ସେ ସ୍ତ୍ରୀଲୋକଙ୍କ ଇଜ୍ଜତ ନେଇ ନାହିଁ କି କାହାରି ଜମିବାଡ଼ି ଦଖଲ କରି ନାହିଁ। ସେ କେବଳ ଖଜଣାଖାନା ଲୁଟି କରିଥିଲା, ଆଉ କେତେଜଣ ସିପାହିଙ୍କୁ ମାରିଥିଲା। ଗୋବିନ୍ଦ ସର୍ଦାର କିନ୍ତୁ ବଡ଼ ଭୟଙ୍କର ଲୋକ। ତାକୁ ମାରିଥିବାରୁ ଘିନୁଆକୁ ଅଧିକ ବକ୍‌ସିସ୍ ମିଳିବା ଉଚିତ୍।

ଘିନୁଆର ଗଳ୍ପ ଶୁଣି ସମସ୍ତେ ହୋ ହୋ ହୋଇ ହସି ଉଠିଲେ। ଜଜ୍ ସାହେବ ହସି ହସି କହିଲେ, 'ହଁ ଉପଯୁକ୍ତ ବକ୍‌ସିସ୍ ଦିଆଯିବ।' ସରକାରୀ ଓକିଲ କହିଲେ, 'ତତେ ଏଠାକୁ ଖାସ୍ ଅଣାଯାଇଛି ବକ୍‌ସିସ୍ ଦିଆଯିବା ଲାଗି।'

ଘିନୁଆ ଏହାକୁ ପରିହାସ ନମଣି ସତ ବୋଲି ମନେକଲା। କାରଣ ହସ କୌତୁକ, ଥଟ୍ଟା ପରିହାସ ସେ ଜାଣେନାହିଁ। ତା'ର ଯେ ନିତାନ୍ତ ନିପଟ ରସଶୂନ୍ୟ ପ୍ରକୃତି। ଶେଷରେ ରାୟ ଦିଆଗଲା – ପ୍ରାଣଦଣ୍ଡ। ଘିନୁଆ ଏହାର କୌଣସି ଅର୍ଥ ବୁଝିଲା ନାହିଁ। ପୁଣି ଜେଲ୍‌କୁ ଫେରାଇ ତାକୁ ବୁଝାଇ ଦିଆଗଲା ଯେ, ତା'ର ବକ୍‌ସିସ୍ ପାଇବାର ଦିନ ଆସୁଛି।


ଘିନୁଆ ସେ ପର୍ଯ୍ୟନ୍ତ ବୁଝିଲାନାହିଁ ଯେ ସେ ଜଣେ ଅପରାଧୀ ଓ ସେଥିଲାଗି ତାକୁ ପ୍ରାଣଦଣ୍ଡ ଆଦେଶ ହୋଇଛି। ଝପଟ ସିଂକୁ ମାରିବା ଓ ଗୋବିନ୍ଦ ସର୍ଦାରଙ୍କୁ ମାରିବା ଯେ ଏକାକଥା ନୁହେଁ, ତାହା ସେ ବୁଝିବ କାହୁଁ ? ସେ ଜାଣିଲା ନାହିଁ ଯେ ଗୋଟିଏ ଗୌରବର ବିଷୟ, ଅନ୍ୟଟି ଦୋଷାବହ ! ଆଇନର ସୂକ୍ଷ୍ମ ଜାଲ ଭିତରେ ପଶିବାକୁ ତା'ର ମୁଣ୍ଡ ନାହିଁ। ସେ ଯେ ବଣୁଆ ସାନ୍ତାଳ !

ସେ ମନେ ମନେ ଭାବେ, ଡୋରା ପାଁଶ ଟଙ୍କା ପାଇଛି ଝପଟ ସିଂକୁ ମାରି। ସେଥିରୁ ବେଶି ନଦେଲେ କାହିଁକି ନେବ ? ସବୁ ଫେରାଇଦେଇ କହିବ, 'କିଛି ନ ଦିଅ ପଛେ ସାହେବ, ଡୋରା ଠାରୁ ବେଶୀ ପାଇବାର ମୋର ହକ୍।' ଜେଲ୍‌ରେ ଅନ୍ଧାରିଆ ନିର୍ଜନ ଗୁମ୍ଫାରେ ରହି ସେ କେତେ କ'ଣ ଭାବେ। କଥାବାର୍ତ୍ତା କରିବାକୁ ସେ କାହାରିକି ଦେଖେ ନାହିଁ। କଥାବାର୍ତ୍ତା କରିବାକୁ ବି ତା'ର ଆଗ୍ରହ ନଥାଏ। କେବଳ ବକ୍‌ସିସ୍ ପାଇ ଘରକୁ ଫେରିବାକୁ ତା'ର ମନ ଛଟପଟ ହେଉଥାଏ।


ଶେଷରେ ତା'ର ଫାଶୀର ଦିନ ଆସିଲା। ତାକୁ ପଚରାଗଲା, ତା'ର ଶେଷରେ କ'ଣ ଦରକାର। ସେ କହିଲେ।, 'ମୋର ବକ୍‌ସିସ୍।' 'ଆଚ୍ଛା, ବକ୍‌ସିସ୍ ପାଇବୁ ଆ' କହି ତାକୁ ନେଇଗଲେ। ମୁଣ୍ଡରେ ତା'ର ଗୋଟିଏ କଳାକନାର ଖୋଳ ପିନ୍ଧାଇ ଦିଆଗଲା। ଘିନୁଆ ମନେ ମନେ ବିଚାରିଲା – ଆଖିରେ ଅନ୍ଧ ପୋଟଳି ଦେଇ ହାତରେ ତା'ର ସୁନାରୁପା ଢାଳି ଦିଆଯିବ। ସରକାର ଘରର କେତେ ଫନ୍ଦିଫିକର, କାଇଦା କଟକଣା ଅଛି, ଖାଲି ସିମିତି କ'ଣ ବକ୍‌ସିସ୍ ଦିଆଯିବ ? ସେ ଘରକୁ ଫେରି ସବୁ ଦେଖାଇବ। କି ଖୁସି ହେବ ସ୍ତ୍ରୀ ତା'ର ସେ ସବୁ ଦେଖି ! ଭଲ ଘରଦ୍ୱାର କରି, ଜମିବାଡ଼ି ଚଷି ସେ ସୁଖରେ ରହିବ। ଆଉ ତ ଗୋବିନ୍ଦ ସର୍ଦାର ନାହିଁ ଯେ ସବୁ ଲୁଟିକରି ନେବ।

ହଠାତ୍ କ'ଣ ଗୋଟିଏ ଆସି ତା' ବେକରେ ବାଜିଲା।

ମୃଣାଳ ସେନଙ୍କ ନିର୍ଦ୍ଦେଶିତ ହିନ୍ଦୀ ଭାଷାରେ ନିର୍ମିତ "ମୃଗୟା" ଚଳଚ୍ଚିତ୍ର ଏହି ଶିକାର କାହାଣୀକୁ ରୂପାନ୍ତରିତ କରି ନିର୍ମାଣ କରାଯାଇଛି। ଏହି ଚଳଚ୍ଚିତ୍ରରେ ମିଥୁନ ଚକ୍ରବର୍ତ୍ତୀ ଏବଂ ମମତା ଶଙ୍କର ସିନେମା ଜଗତରେ ପ୍ରବେଶ କରିଥିଲେ। ଏହି ଚଳଚ୍ଚିତ୍ର ସ୍କୋର ସଲିଲ ଚୌଧୁରୀ ପ୍ରଦାନ କରିଥିବାବେଳେ କେ କେ ମହାଜନ ସିନେମାଟୋଗ୍ରାଫି ପରିଚାଳନା କରିଥିଲେ। ୨୪ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ, ମୃଗୟା ଦୁଇଟି ପୁରସ୍କାର ଜିତିଥିଲ - ଶ୍ରେଷ୍ଠ ଚଳଚ୍ଚିତ୍ର ଏବଂ ଶ୍ରେଷ୍ଠ ଅଭିନେତା। ୧୯୭୭ ରେ ଦଶମ ମସ୍କୋ ଆନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ସୁବର୍ଣ୍ଣ ପୁରସ୍କାର ପାଇଁ ମନୋନୀତ ହେବା ବ୍ୟତୀତ ଏହା ଶ୍ରେଷ୍ଠ ଚଳଚ୍ଚିତ୍ର ପାଇଁ ଫିଲ୍ମଫେୟାର କ୍ରିଟିକ୍ସ ପୁରସ୍କାର ମଧ୍ୟ ଜିତିଥିଲା |




SARASWATI VIDYA MANDIR
Residential Science Higher Secondary School
KESHAVDHAM, GATIROUTPATNA, CUTTACK
SHIKSHA VIKASH SAMITI, ODISHA
SPOKEN ENGLISH
MATHEMATICS
PHYSICS
CHEMISTRY
BIOLOGY & IT
Scholarship Available
45 Days
Admission is going on......
Summer Course
by well experienced Faculties
15th May to 9th July 2022
+2 Science
38 nos. LAPTOP ACHIEVER 2021
RESULT AHSE-2021
Appear - 124
Passed - 124
1st Division - 124
2nd Division - 0
3rd Division - 0
Above 90% mark - 27
9438340723, 8144011598
svmsciencecollege@gmail.com
www.svmkeshavdham.in
For Online Admission:
SAMS Code: 07105101
Dist.- Cuttack, Block- Cuttack Sadar



## ଏକ ସୁନ୍ଦର ଚିତ୍ରକଳା ମାଧମରେ ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷର ଚିତ୍ରଣ କରିଛନ୍ତି ତନୁଜା ଦାଶ ମହାପାତ୍ର

DIGITALLY PUBLISHED BY A P SUBHAKANTA SAMAL ON BEHALF OF SHUBHDRISTI.
UDYAM-OD-13-0001171.
ADDRESS: SHUBHDRISTI SATI NIVAS, HARIPUR, KHADIANGA, JAJPUR 755049.
www.shubhdristi.in @shubhdristi